୬ ରୋମାଞ୍ଚକର ମୁକାବିଲାରେ ବେଙ୍ଗାଲୁରୁକୁ ୬ ୱିକେଟ୍‌ରେ ହରାଇଲା ଦିଲ୍ଲୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୭୯ ● ୧୯ ଅପ୍ରେଲ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-79 ● 19th April 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

# ମହିଳା ଅଧିକାରର ଭ୍ରୂଣ ହତ୍ୟା କରିଛନ୍ତି ବିରୋଧୀ

**ନୂଆଦିଲ୍ଲୀ, ୧୮।୪**

ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଖାରଜ ହେବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦେଶକୁ ସମ୍ବୋଧିତ କରିଛନ୍ତି। ମୋଦୀ ତାଙ୍କର ଏହି ସମ୍ବୋଧିତ ଭାଷଣରେ ଇଣ୍ଡି ମେଣ୍ଟ ତଥା ବିରୋଧୀ ଦଳକୁ ତୀବ୍ର ଆକ୍ରମଣ କରିଛନ୍ତି।

ମୋଦୀ କହିଛନ୍ତି, ଆମର ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ଆମେ ସଫଳ ହୋଇପାରିଲୁ ନାହିଁ। ନାରୀ ଶକ୍ତି ଅଧିନିୟମରେ ସଂଶୋଧନ ଗୃହୀତ ହୋଇପାରିଲା ନାହିଁ। ମୁଁ ଏଥିପାଇଁ ଦେଶର ସମସ୍ତ ମା' ଏବଂ ଭଉଣୀମାନଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଆମ ମହିଳାଙ୍କ ସ୍ୱପ୍ନ ମଝିରେ ଚୁନା ହୋଇଯାଇଛି। ବିରୋଧୀ ମହିଳା ଅଧିକାରର ଭ୍ରୁଣ ହତ୍ୟା କରିଛନ୍ତି। ଆମ ପାଇଁ ଦେଶର ସ୍ୱାର୍ଥ ସର୍ବୋପରି। କିନ୍ତୁ ଯେତେବେଳେ ଦଳୀୟ ସ୍ୱାର୍ଥ ଜାତୀୟ ସ୍ୱାର୍ଥ ଅପେକ୍ଷା ବଡ଼ ହୋଇଯାଏ, ସେତେବେଳେ ମହିଳା ଏବଂ ଦେଶକୁ ଏହାର ପରିଣାମ ଭୋଗିବାକୁ



ପଡ଼ିଥାଏ। କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି ଯୋଗୁଁ ଏହି ଦେଶର ମହିଳାମାନେ କଷ୍ଟ ଭୋଗିଛନ୍ତି। ଏହି ଦଳଗୁଡ଼ିକ ମହିଳା ଶକ୍ତିକୁ ହାଲୁକା ଭାବରେ ନେଉଛନ୍ତି। ଏହି ପ୍ରସ୍ତାବ ପରାଜିତ ହେବା ପରେ କିଛି ଦଳ ଆନନ୍ଦରେ ତାଳି ବଜାଉଥିବା ଦେଖି ମୁଁ ବହୁତ ଦୁଃଖିତ ହୋଇଥିଲି। ସେମାନେ ଗୃହରେ ଡେସ୍କ ବଜଉଥିଲେ। ସେତେବେଳେ ମହିଳାମାନେ ଏହି ନେତାମାନଙ୍କୁ ଦେଖିଛନ୍ତି, ସେମାନେ ମନେ ରଖିବେ ଯେ ସେମାନଙ୍କ ଅଧିକାରକୁ ଅବରୋଧ କରିବା ପାଇଁ କିଏ ଉତ୍ସବ ପାଳନ କରିଥିଲେ। ସଂସଦରେ ବିରୋଧୀଙ୍କ କାର୍ଯ୍ୟକଳାପରେ କେବଳ ଡେସ୍କ ବାଜୁନଥିଲା ବରଂ ମହିଳାଙ୍କ ଗରିମା ଏବଂ ସ୍ୱାଭିମାନ ଉପରେ ଆକ୍ରମଣ ଥିଲା। ଜଣେ ମହିଳା ଅନେକ ଜିନିଷ ଭୁଲିପାରନ୍ତି କିନ୍ତୁ ସେ କେବେବି ତାଙ୍କର ଅପମାନକୁ ଭୁଲନ୍ତି ନାହିଁ। ଏହି ଆଚରଣର ଯନ୍ତ୍ରଣା ସାରା ଦେଶର ମହିଳାମାନଙ୍କ ହୃଦୟରେ ରହିବ। ମୁଁ ଆଶା କରିଥିଲି ଯେ କଂଗ୍ରେସ ତା'ର ଦଶନ୍ଧି ପୁରୁଣା ଭୁଲକୁ ସଂଶୋଧନ କରିବ ଏବଂ ତା'ର ଅତୀତର ପ୍ରାୟଶ୍ଚିତ କରିବ। ଏକ ପରଜୀବୀ ପରି, କଂଗ୍ରେସ ଆଞ୍ଚଳିକ ଦଳଗୁଡ଼ିକୁ ଭୁଆଁ ବୁଲାଇ ବଞ୍ଚିରହିଛି। କଂଗ୍ରେସ ଇତିହାସ ଲେଖିବା ଏବଂ ମହିଳାଙ୍କ ସହିତ ଠିଆ ହେବାର ସୁଯୋଗ ହରାଇଲା। ଏକବିଂଶ ଶତାବ୍ଦୀର ମହିଳାମାନେ ସବୁକିଛି ନିକଟରୁ ଦେଖୁଛନ୍ତି ଏବଂ ବୁଝୁଛନ୍ତି। ବର୍ଷବର୍ଷ ଧରି ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ପାଇଁ ବୈଷୟିକ କୌଶଳ ନାମରେ ବାହାନା ତିଆରି କରାଯାଉଛି। ଦେଶ ଏବେ ରାଜନୀତିର ଏହି ଧାରା ବୁଝିପାରୁଛି। ଏହି ସଂଶୋଧନ ଦେଶର ପ୍ରତ୍ୟେକ ଅଞ୍ଚଳରେ *(ପୃଷ୍ଠା ୭ରେ)*

# ହର୍ମୁଜ ପ୍ରଣାଳୀ ପୁଣି ବନ୍ଦ କଲା ଇରାନ

**ତେହେରାନ, ୧୮।୪**

ଆମେରିକା-ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ ପ୍ରଣାଳୀ ବିବାଦର କେନ୍ଦ୍ର ହୋଇ ରହିଛି। ତେବେ ଇରାନ ହର୍ମୁଜ ପ୍ରଣାଳୀରୁ କଟକଣା ପ୍ରତ୍ୟାହାର କରିଥିବାବେଳେ ଶନିବାର ପୁଣି ଥରେ କଟକଣା ଲାଗୁ କରିଛି। ଆମେରିକା ଯୁଦ୍ଧ ବିରତି ଉଲ୍ଲଂଘନ କରୁଥିବା ଇରାନ ଅଭିଯୋଗ କରିଛି। ଶନିବାର ହର୍ମୁଜ ପ୍ରଣାଳୀ ପାର୍ ହେବାକୁ ଚେଷ୍ଟା କରିବା ସମୟରେ ୨ଟି ଜାହାଜ ଉପରେ ଗୁଳିଚାଳନା ହୋଇଥିବା ଅଭିଯୋଗ ହୋଇଛି। ଆମେରିକା ଯୁଦ୍ଧବିରତି ଉଲ୍ଲଂଘନ କରିଥିବା ଅଭିଯୋଗ କରି ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଇରାନ କହିଛି ଯେ, ଆମେରିକା ଏବେବି ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ରଖିଛି, ଯେଉଁ କାରଣରୁ ସେ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଛି।

ନୂତନ ବ୍ୟବସ୍ଥା ଅନୁଯାୟୀ, କେବଳ ଇରାନର ଆଇଆରଜିସି ନୌସେନାରୁ



ଅନୁମତି ପାଇଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ଆବଶ୍ୟକୀୟ ଟୋଲ୍ ଦେୟ ଦେବା ପରେ ନିର୍ଦ୍ଦିଷ୍ଟ ମାର୍ଗ ଦେଇ ଯିବାକୁ ଅନୁମତି ଦିଆଯାଇଛି। ଇରାନର ମିଳିତ ସାମରିକ କମାଣ୍ଡ କହିଛି ଯେ, ଯେପର୍ଯ୍ୟନ୍ତ ଆମେରିକା ଇରାନ ବନ୍ଦର ଅବରୋଧ କରି ରଖିବ ସେପର୍ଯ୍ୟନ୍ତ ଏହା ହର୍ମୁଜ ପ୍ରଣାଳୀ ଦେଇ ପରିବହନକୁ ଅବରୋଧ କରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିବାକୁ ଘୋଷଣା କରିଥିଲେ ମଧ୍ୟ ତେହେରାନ ସହିତ ପରମାଣୁ କାର୍ଯ୍ୟକ୍ରମ ସମେତ କୌଣସି ଚୁକ୍ତି ନ ହେବା ପର୍ଯ୍ୟନ୍ତ ଆମେରିକାର ଅବରୋଧ ଜାରି ରହିବ। ହର୍ମୁଜ *(ପୃଷ୍ଠା ୭ରେ)*

# କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

**ନୂଆଦିଲ୍ଲୀ, ୧୮।୪**

କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ସରକାର ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଲକ୍ଷ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। ସରକାର ମହଙ୍ଗା ଭତ୍ତା (ଡିଏ ) ଏବଂ ମହଙ୍ଗା ରିଲିଫ୍ ( ଡିଆର)ରେ ୨% ବୃଦ୍ଧିକୁ ଆନୁଷ୍ଠାନିକ ଭାବରେ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ଫଳରେ କର୍ମଚାରୀଙ୍କ ମାସିକ ଦରମା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନରେ ଯଥେଷ୍ଟ ବୃଦ୍ଧି ହେବ।

କେନ୍ଦ୍ର ସରକାର ସାଧାରଣତଃ ବର୍ଷକୁ ଦୁଇଥର ଡିଏ ଜାନୁଆରୀ ଏବଂ ଜୁଲାଇରେ ସମୀକ୍ଷା କରନ୍ତି। ଏହି ବୃଦ୍ଧି ଶିଳ୍ପ ଶ୍ରମିକଙ୍କ ପାଇଁ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଉପରେ ଆଧାର କରି ନିର୍ଣ୍ଣୟ କରାଯାଏ।

# ବଜେଟ୍ ଅଧିବେଶନ ଶେଷ, ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

**ନୂଆଦିଲ୍ଲୀ, ୧୮।୪**

ସଂସଦର ବଜେଟ୍ ଅଧିବେଶନ ଶନିବାର ଶେଷ ହୋଇଛି ଏବଂ ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି। ଏହି ଅଧିବେଶନ ରାଜନୈତିକ ଭାବରେ ଅଶାନ୍ତ ଥିଲା ଏବଂ ନିର୍ବାଚନ ସଂସ୍କାର ବିଷୟରେ ଆଲୋଚନା କରାଯାଇଥିବା ସ୍ୱତନ୍ତ୍ର ବୈଠକ ପାଇଁ ଆବଣ୍ଟିତ ସମୟଠାରୁ ଅଧିକ ବୃଦ୍ଧି କରାଯାଇଥିଲା।

ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବା ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିବେଶନ ସମୟରେ ସରକାରଙ୍କ ଦ୍ୱାରା ଉପସ୍ଥାପିତ ସମ୍ବିଧାନ (ଏକ ଶହ ତୃତୀୟ ସଂଶୋଧନ) ବିଲ୍, ୨୦୨୬, ଲୋକସଭାରେ ଆବଶ୍ୟକ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ



କରିପାରିନଥିଲା। ଏହି ବିଲ୍ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ ଭୋଟ୍ ପଡ଼ିଥିଲା, ଯେତେବେଳେ ପାସ୍ ପାଇଁ ୩୫୨ ଭୋଟ୍ ଆବଶ୍ୟକ ଥିଲା।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ତାଙ୍କ ଉଦ୍‌ଯାପନୀ ଅଭିଭାଷଣରେ ସୂଚନା ଦେଇଥିଲେ ଯେ, ଗୃହର ଉତ୍ପାଦକତା ପାଖାପାଖି ୯୩ ପ୍ରତିଶତ ରହିଛି। ସେ ସୂଚନା ଦେଇଥିଲେ ଯେ, ଜାନୁଆରୀ ୨୮ରେ ଆରମ୍ଭ ହୋଇଥିବା ଏହି ଅଧିବେଶନରେ ମୋଟ୍ ୩୧ଟି ବୈଠକ ହୋଇଥିଲା, ଯାହା ୧୫୧ ଘଣ୍ଟା ୪୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଅଧିବେଶନ ସମୟରେ କେନ୍ଦ୍ର ବଜେଟ୍ ୨୦୨୬-୨୭ ଉପରେ ପ୍ରାୟ ୧୩ ଘଣ୍ଟା ଧରି ଆଲୋଚନା କରାଯାଇଥିଲା, ଯେଉଁଥିରେ ୬୩ ଜଣ ସଦସ୍ୟ ଭାଗ ନେଇଥିଲେ। ବାଚସ୍ପତି ସୂଚନା ଦେଇଥିଲେ ଯେ, ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍ ଏବଂ ସୀମା ନିର୍ଦ୍ଧାରଣ ବିଲ୍, ୨୦୨୬ ଉପରେ ୨୧ ଘଣ୍ଟା ୨୭ ମିନିଟ୍ ଧରି ଆଲୋଚନା କରାଯାଇଥିଲା, ଯେଉଁଥିରେ ୧୩୧ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ, କିନ୍ତୁ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇପାରିନଥିଲା। ଏହି ଅଧିବେଶନରେ ୧୨ଟି ସରକାରୀ *(ପୃଷ୍ଠା ୭ରେ)*

## ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକଚରିଂ ୟୁନିଟ୍ ଉଦ୍‌ଘାଟିତ

# ୨୦୩୬ ସୁଦ୍ଧା ଓଡ଼ିଶା ହେବ ୫୦୦ ବିଲିୟନ ଡଲାର ଅର୍ଥନୀତିର ରାଜ୍ୟ

**ଭୁବନେଶ୍ୱର, ୧୮।୪**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଇନଫୋଭେଲି-୨, ଖୋର୍ଦ୍ଧାଠାରେ 'ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ୍ ଆଜି ସ୍ମାର୍ଟ ଇନଫ୍ରାଷ୍ଟ୍ରକ୍‌ଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ୱେ-ଟ୍ରାକ୍ ଇଣ୍ଡିଆର ସମସ୍ତ ଟିମ୍ ମେମ୍ବରକୁ ଅଭିନନ୍ଦନ ଜଣାଇଥିଲେ। ୱେ-



ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଜାରି ରହିଛି। ପୂର୍ବରୁ କେବଳ ଖଣିଭିତ୍ତିକ ଶିଳ୍ପ *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କ ଚେତାବନୀ : ଚୁକ୍ତି ନହେଲେ ପୁଣି ବୋମାମାଡ



**ୱାଶିଂଟନ, ୧୮।୪**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯଦି ଇରାନ ସହିତ କୌଣସି ଚୁକ୍ତି ନହୁଏ, ତେବେ ଆମେରିକା ପୁଣି ବୋମାମାଡ଼ କରିବ।

ଲେବାନନରେ ୧୦ ଦିନିଆ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି ହୋଇଛି, ଯାହା ଇସ୍ରାଏଲୀ ଏବଂ ଲେବାନନ ଅଧିକାରୀଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ଚୁକ୍ତି ସମ୍ପର୍କରେ ଆଲୋଚନା ପାଇଁ ପଥ ପ୍ରଶସ୍ତ କରିଛି। *(ପୃଷ୍ଠା ୭ରେ)*

# ନିର୍ମାଣ ହେବ ହିଟ୍ ୱେଭ୍ ଆଶ୍ରୟସ୍ଥଳୀ

**ଭୁବନେଶ୍ୱର, ୧୮।୪**
**ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ନୂଆ ଏସ୍‌ଓପି ପ୍ରସ୍ତୁତ କରିଛି। ଅଧିକ ଖରା ହେଉଥିବା ସ୍ଥାନରେ ହିଟ୍ ୱେଭ୍ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ । ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସକାଳ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲ୍ ପରିବହନ ଉପରେ ତଦାରଖ କରାଯିବ। ରାସ୍ତାରେ ଯାଉଥିବା ଡ୍ରାଇଭର ମାନଙ୍କ ପାଇଁ ଓଆରଏସ୍ ଏବଂ ପିଇବା ପାଣିର ବ୍ୟବସ୍ଥା କରାଯିବ। ସେହିପରି କିଛି ଅଘଟଣକୁ ଦୃଷ୍ଟିରେ ରଖି ମେଡିକାଲ ଏବଂ ଆମ୍ବୁଲାନ୍ସକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ୨୦ ମିନିଟ୍ ଭିତରେ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ମୃତ୍ୟୁ ପାଇଁ ରିପୋର୍ଟ ପାଇବାର ୨୪ ଘଣ୍ଟାରେ କ୍ଷତିପୂରଣ



ପ୍ରଦାନ କରାଯିବ। ଏବଂ ଯେଉଁ ଗାଡି ମାନଙ୍କରେ ଏସି ନଥିବ, ସେ ଗାଡିରେ ଯାଉଥିବା ଲୋକ ମାନଙ୍କର ଯଦି କୌଣସି ଅସୁବିଧା ହୁଏ , ତେବେ ସେହି ଗାଡିର ମାଲିକ ହିଁ ଦାୟୀ ରହିବେ। ଶନିବାର ମନ୍ତ୍ରୀ ଶ୍ରୀ ପୂଜାରୀ ଜିଲ୍ଲାପାଳଙ୍କ ସହିତ ଭିସିରେ ବୈଠକ କରିବା ପରେ ଏହି ସୂଚନା ଦେଇଛନ୍ତି । ସେହିପରି ସ୍କୁଲ ଛୁଟି ନେଇ ଜିଲ୍ଲାପାଳ ମାନଙ୍କୁ ଅଧିକୃତ କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ସୋମବାର ପୁଣିଥରେ ଇସଲାମାବାଦରେ ଶାନ୍ତି ଆଲୋଚନା !

**ୱାଶିଂଟନ/ତେହେରାନ, ୧୮।୪**

ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ କୂଟନୈତିକ ସମାଧାନ ଖୋଜିବା ପାଇଁ ପ୍ରୟାସ ପୁଣି ଥରେ ଆରମ୍ଭ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ ପ୍ରସଙ୍ଗରେ ଏକ ନୂତନ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନର ରାଜଧାନୀ ଇସଲାମାବାଦ ଏହି ଆଲୋଚନାର ଆୟୋଜନ କରିବାର ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ ଉଭୟ ଦେଶର ପ୍ରତିନିଧି ରବିବାର ସୁଦ୍ଧା ସେଠାରେ ପହଞ୍ଚିପାରନ୍ତି। ସୋମବାରଠାରୁ ଆନୁଷ୍ଠାନିକ ଆଲୋଚନା ଆରମ୍ଭ ହେବାର ଆଶା କରାଯାଉଛି। ଯଦିଓ ଆମେରିକା କିମ୍ବା ଇରାନ ଉଭୟ ଆନୁଷ୍ଠାନିକ ଭାବରେ ବୈଠକକୁ ନିଶ୍ଚିତ କରିନାହାନ୍ତି, ତଥାପି ସୂଚନା ମିଳୁଛି ଯେ, ପରଦା ପଛରେ ପ୍ରସ୍ତୁତି ଜୋରସୋର୍ ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ କହି ସାରିଛନ୍ତି, ଆଲୋଚନା ଶୀଘ୍ର



ଆରମ୍ଭ ହୋଇପାରେ। ଏହି ସମୟରେ, କିଛି ଅନ୍ତର୍ଜାତୀୟ ଗଣମାଧ୍ୟମ ଇରାନୀ ସୂତ୍ରକୁ ଉଦ୍ଧୃତ କରି ଦାବି କରିଛନ୍ତି ଯେ, ପରବର୍ତ୍ତୀ ପର୍ଯ୍ୟାୟ ଚୂଡ଼ାନ୍ତ ହୋଇଛି। ଏହା ସ୍ପଷ୍ଟ କରୁଛି, ଉଭୟ ପକ୍ଷ ଉତ୍ତେଜନା ହ୍ରାସ ପାଇଁ ଆଲୋଚନା ବଜାୟ ରଖିବାକୁ ଚାହୁଛନ୍ତି।

ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମାଇବା ପ୍ରୟାସର ଅଂଶ ସ୍ୱରୂପ, ସୋମବାର ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହୋଇପାରେ। ଆଲୋଚନାରେ ସାମିଲ ଇରାନୀ ଅଧିକାରୀମାନେ ଏସମ୍ପର୍କରେ ଗଣମାଧ୍ୟମକୁ କହିଥିବା କୁହାଯାଉଛି।

ତେବେ ହର୍ମୁଜ୍ ପ୍ରଣାଳୀ ନେଇ ଉତ୍ତେଜନା ଜାରି ରହିଛି। ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ କେବଳ ସୀମିତ ପରିବହନ ରେକର୍ଡ *(ପୃଷ୍ଠା ୭ରେ)*

# ବଦଳିଲା ରାଜ୍ୟ ଯୋଜନା ବୋର୍ଡ

**ଭୁବନେଶ୍ୱର, ୧୮।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଯୋଜନା ବୋର୍ଡର ନାମ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ନୀତି ଓ ବିକାଶର ଥିଙ୍କ୍ ଟ୍ୟାଙ୍କ ପାଲଟିଥିବା ଯୋଜନା ବୋର୍ଡ ଏବେ ଇତିହାସ ପାଲଟିଛି। ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମେଟିଭ ଇନିସିଏଟିଭି ବା ଏସ୍ଆଇଟିଆଇ-ଓଡ଼ିଶା ନାମରେ ନାମିତ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। 'ସଂକଳ୍ପ' ମାଧ୍ୟମରେ 'ଏସ୍ଆଇଟିଆଇ ଓଡ଼ିଶା'କୁ ବାସ୍ତବ ରୂପ ଦେଇଛନ୍ତି ରାଜ୍ୟ ସରକାର। ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଓ ୨୦୪୭ ସୁଦ୍ଧା 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ରଖାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ରହିବେ, ଉପାଧ୍ୟକ୍ଷଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିବ। ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ସାମିଲ କରାଯିବ। ସଦସ୍ୟମାନଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ମିଳିବ। *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିଲ୍ ବିରୋଧୀ ଭାବୁଥାନ୍ତି ମନେ
ଯାଇଛନ୍ତି ବୋଲି ଜିତି
ମହିଳା ସ୍ୱାର୍ଥରେ ସେମାନେ ପରା
ବାଧକ ଅଛନ୍ତି ସାଜି
ଦେଶ ଯେ ଦେଖିଲା ଆଜି
ରାଜନୀତି ପାଇଁ ଜନତା ଭିଡକୁ
ଦେଉଛ ନିଆଁରେ ଭାଜି।

# ଆତଙ୍କବାଦୀ ଲିଙ୍କ୍ : ଓଡ଼ିଶା, ମହାରାଷ୍ଟ୍ର ଓ ବିହାରରୁ ୪ ଅଭିଯୁକ୍ତ ଗିରଫ



**ନୂଆଦିଲ୍ଲୀ, ୧୮।୪**

ଦେଶରେ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ପଣ୍ଡ କରାଯାଇଛି। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତ ହେଉଥିବା ୪ ଜଣ ଯୁବକଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନଙ୍କୁ ମହାରାଷ୍ଟ୍ର, ଓଡ଼ିଶା ଏବଂ ବିହାରର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମହମ୍ମଦ ହମାଦ (୧୯), ଶେଖ ଇମ୍ରାନ (୨୨), ମହମ୍ମଦ ସୋହିଲ (୨୩) ଏବଂ ମୋସାଇବ ଅହମ୍ମଦ (୩୨) । ଏମାନେ ସୋସିଆଲ୍ ମିଡିଆ ଗ୍ରୁପ୍ ଜରିଆରେ ଅନ୍ୟ ଯୁବକଙ୍କୁ ସକ୍ରିୟ କରାଉଥିଲେ ଏବଂ ଆତଙ୍କବାଦୀ ଆକ୍ରମଣ ପାଇଁ ଆଇଇଡି ପ୍ରସ୍ତୁତ କରୁଥିଲେ। ଜିହାଦୀ କାର୍ଯ୍ୟ ପାଇଁ କ୍ୟୁଆର୍ କୋଡ୍/ବ୍ୟାଙ୍କ ଜରିଆରେ ଅର୍ଥ ସଂଗ୍ରହ କରୁଥିଲେ। ଜିହାଦୀ କାର୍ଯ୍ୟ ପାଇଁ ଯୁବକମାନଙ୍କୁ ତାଲିମ୍ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ତଦନ୍ତରୁ ଏହା ଜଣାପଡିଛି ଯେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଡିସେମ୍ବର ୨୦୨୫ରେ ଦିଲ୍ଲୀ ଆସିଥିଲେ ଏବଂ ଲାଲକିଲ୍ଲା ଏବଂ ଇଣ୍ଡିଆ ଗେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲେ। ସେ ଜନସାଧାରଣଙ୍କୁ ଉସୁକାଇବା ପାଇଁ ସୋସିଆଲ ମିଡିଆରେ *(ପୃଷ୍ଠା ୭ରେ)*

# ୪୦ ଡିଗ୍ରୀ ଉପରେ ୧୫ ସହର
# ୮ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା

**ଭୁବନେଶ୍ୱର, ୧୮।୪**
**ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜନିତ ତାତି ବଢିବାରେ ଲାଗିଛି। ପଶ୍ଚିମରୁ ଉପକୂଳ ଯାଏଁ ସର୍ବତ୍ର ଏଥିପାଇଁ ସ୍ଥିତି ଅସମ୍ଭାଳ ହୋଇଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। କଲବଲ କରୁଛି ଖରା ଓ ଗୁଲୁଗୁଳି। ଆଗାମୀ ଦିନରେ ପ୍ରଚଣ୍ଡ ଗ୍ରୀଷ୍ମଲହରୀ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ରାଜ୍ୟର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଟିଟିଲାଗଡ଼ରେ ସର୍ବାଧିକ ୪୨.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୨.୬, ଭବାନୀପାଟଣାରେ ୪୨ ଡିଗ୍ରୀ, ସମ୍ବଲପୁର ଓ ନୂଆପଡ଼ା ୪୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୧.୪, ତାଳଚେର ଓ ବଲାଙ୍ଗୀର ୪୧, ରାଉରକେଲା ୪୦.୯, ବୌଦ୍ଧ ୪୦.୮, ସୋନପୁର ୪୦.୬, ସୁନ୍ଦରଗଡ଼ ୪୦.୨, ଅନୁଗୁଳ ୪୦.୧, ମାଲକାନଗିରି ଓ କେନ୍ଦୁଝରଗଡ଼ରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୮ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୯ ଅପ୍ରେଲ, ରବିବାର ୨୦୨୬





# ଜବର ଦଖଲରେ ଜାତୀୟ ରାଜପଥ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହର ଦେଇ ଯାଇଥିବା ଜାତୀୟ ରାଜପଥ ୫୯ ବର୍ତ୍ତମାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଲକ୍ଷ୍ୟ କରାଯାଉଛି । ସହର ଉପକଣ୍ଠ ଫାଷ୍ଟଗେଟ୍ ଅଟୋନଗର ମୁଖ୍ୟ ରାସ୍ତା କିଛି ବାହାର ରାଜ୍ୟର ବ୍ୟବସାୟୀ ସମ୍ପୂର୍ଣ୍ଣ ଭାବେ ଦଖଲ କରି ରଖିଥିବା ଦେଖିବାକୁ ମିଳିଛି । ସହରକୁ ପ୍ରବେଶର ଅନ୍ୟତମ ପ୍ରମୁଖ ରାସ୍ତା ତଥା ଏହି ରାଜପଥ ଦେଇ ପ୍ରତିଦିନ ହଜାର ହଜାର ମାଲ୍‌ବାହୀ ଯାନବାହନ, ଯାତ୍ରୀବାହୀ ବସ୍, ଅଟୋ ସମେତ ଦୁଇ ଚକିଆ ଗାଡ଼ି ଯାତ୍ରା କରୁଛି । କିନ୍ତୁ ଅଟୋନଗରର ଏହି ବ୍ୟସ୍ତବହୁଳ ମୁଖ୍ୟରାସ୍ତା ସଂକୀର୍ଣ୍ଣ ହୋଇଯାଇଛି । ବାହାର ରାଜ୍ୟରୁ ଏଠାକୁ ଆସି ଝାଡୁ ସହ ଅନ୍ୟାନ୍ୟ ବ୍ୟବସାୟ କରୁଥିବା ଅଣଓଡ଼ିଆ ବ୍ୟବସାୟୀମାନେ ଜାତୀୟ ରାଜପଥ ୫୯ର ମଧ୍ୟ ଭାଗ ପର୍ଯ୍ୟନ୍ତ ରାସ୍ତାକୁ ନିଜ ଅକ୍ତିଆରରେ ରଖିଥିବା ଦେଖିବାକୁ ମିଳିଛି । ଏପରିକି



ସେଠାରେ ଅସ୍ଥାୟୀ ଘର ନିର୍ମାଣ କରି ରହୁଛନ୍ତି । ରାସ୍ତା କଡ଼ରେ ସହରର ଟ୍ରକ୍‌ମାଲିକମାନଙ୍କୁ ନିଜର ଟ୍ରକ୍ ପାର୍କିଂ ପାଇଁ ପୋଲିସ ଏବଂ ମହାନଗର ନିଗମ ବାରଣ କରିଥିବା ବେଳେ ବାହାର ରାଜ୍ୟର ବ୍ୟବସାୟୀମାନେ ରାସ୍ତା ଉପରେ ନିଜ ପସରା ଖୋଲି ବ୍ୟବସାୟ କରିବା ଦୃଶ୍ୟ ପୋଲିସ ଏବଂ ବିଇଏମ୍‌ସିର ଅଗୋଚରରେ ରହିଯାଇଥିବା ଅନୁମାନ କରାଯାଉଛି । ଉକ୍ତ ଅଞ୍ଚଳଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଛି । ଏଠାରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ନଜିର ରହିଛି । ଏଭଳି ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ରାସ୍ତା ଉପରେ ବ୍ୟବସାୟ କରିବା ସହିତ ଅସ୍ଥାୟୀ ଘର କରି ରହିବା ଯୋଗୁଁ ଉକ୍ତ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇଛି । ଉକ୍ତ ରାସ୍ତା ଦେଇ ହଜାର ହଜାର ଦିନ ମଜୁରିଆ ସହରକୁ ଆସୁଥିବା ବେଳେ ଅଟୋନଗର ଅଞ୍ଚଳ ଦେଇ ଯାତାୟତ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ବ୍ରହ୍ମପୁର ସହରକୁ ଟ୍ରାଫିକ୍ ମୁକ୍ତ କରିବାପାଇଁ ଟ୍ରକ୍ ମାଲିକ ସଂଘ ଏବଂ ବସ୍ ମାଲିକ ସଂଘକୁ ସହର ମଧ୍ୟରେ ସେମାନଙ୍କ ଭାରୀଯାନକୁ ନରଖିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଥିଲା । ଫଳରେ ଫାଷ୍ଟଗେଟ୍‌ସ୍ଥିତ ଟ୍ରକ୍ ଟର୍ମିନାଲରେ ଟ୍ରକ୍‌ଗୁଡ଼ିକୁ ରଖାଯାଇ ଥିଲେ ମଧ୍ୟ କିଛି ଟ୍ରକ୍ ମଧ୍ୟ ବର୍ତ୍ତମାନ ଅଟୋନଗର ନିକଟ ଜାତୀୟ ରାଜପଥ କଡ଼ରେ ରଖୁଛନ୍ତି । ଏପଟେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର କିଛି ପ୍ରତିଷ୍ଠିତ ବ୍ୟବସାୟୀ ସେହି ରାସ୍ତାରେ ହିଁ ମାଲ ଲୋଡ଼ିଂ ଓ ଅନ୍‌ଲୋଡ଼ିଂ କରି ସହର ମଧ୍ୟକୁ ଛୋଟ ଗାଡ଼ି ମାଧ୍ୟମରେ ବଡ଼ବଜାରକୁ ଚାଲଣ କରିଥାନ୍ତି । ଅଧିକାଂଶ ସମୟରେ ସେଠାରେ ଗାଡ଼ି ପାର୍କିଂ କରି ମାଲ ପରିବହନ କରାଯାଉଥିବାରୁ ଜାତୀୟ ରାଜପଥ ୫୯ ଅଟୋନଗର ମୁଖ୍ୟରାସ୍ତା ସଂକୀର୍ଣ୍ଣ ହେବାରେ ଲାଗିଛି । ଏହା ସହିତ ବଡ଼ବଜାର ଅଞ୍ଚଳରୁ ବାହାରୁଥିବା ଅଳିଆ ଆବର୍ଜନା ଜାତୀୟ ରାଜପଥ କଡ଼ରେ କୁଢ଼ ହୋଇ ପଡ଼ି ରହିଛି । ଏହା ରାସ୍ତାକୁ ଅଧିକ ସଙ୍କୁଚିତ କରୁଛି । ପୋଲିସ ଏବଂ ବିଇଏମ୍‌ସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଶିକ୍ଷାବିଭାଗର ବିକଳ ଚିତ୍ର

# ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ୬କ୍ଲାସ୍

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି । ପଞ୍ଚାୟତ ଅଧିନ ଶ୍ୟାମସୁନ୍ଦର ପଲ୍ଲୀ ଗ୍ରାମରେ ଗତ ୧୯୫୮ ମସିହାରୁ ସ୍ଥାପିତ ହୋଇଥିବା ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକା ସମେତ ୫ଟି ଶ୍ରେଣୀରେ ଆଖପାଖ ପ୍ରତାପୁର, ଭୀମପୁର ପଲ୍ଲୀ ଗ୍ରାମ ସମେତ ଶ୍ୟାମ ସୁନ୍ଦରପଲ୍ଲୀ ଗ୍ରାମର ଉପର ସାହି, ମଝି ସାହି ଓ ତଳସାହିର ୬୨ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ କେବଳ ଗୋଟିଏ ଶ୍ରେଣୀଗୃହ ରହିଛି । ଉକ୍ତ ଶ୍ରେଣୀଗୃହରେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ସମେତ ମଧ୍ୟାହ୍ନ ଭୋଜନ ଚାଉଳ ରହୁଛି । ଗୋଟିଏ ଶ୍ରେଣୀଗୃହରେ ୬ଟି ଶ୍ରେଣୀର ପିଲାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମର ମଲ୍ଲିକ ଏବଂ ଅନ୍ୟଜଣେ ସହକାରୀ ଶିକ୍ଷକ ସୁରେଶ ମଲ୍ଲିକ ପାଠ ପଢାଉଛନ୍ତି ।

ଦୀର୍ଘବର୍ଷ ହେଲା ଅଭିଭାବକ ବୃନ୍ଦ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ୍ୟ ଶିକ୍ଷା ବିଭାଗ କିମ୍ବା ବ୍ଲକ ପ୍ରଶାସନ ସେଥିପ୍ରତି ଆଦୌ କର୍ଣ୍ଣପାତ କରୁନଥିବା ଅଭିଭାବକ ଅଭିଯୋଗ କରିଛନ୍ତି । ପ୍ରତିବାଦରେ ସ୍କୁଲ ପରିଚାଳନା କମିଟି ସଭାପତି ରଜନୀକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ବହୁ ସଂଖ୍ୟକ ଗ୍ରାମବାସୀ, ଅଭିଭାବକ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଛାତ୍ରୀଛାତ୍ରମାନେ ଆମକୁ ପୋଷାକ, ଅଣ୍ଡା, ମଧ୍ୟାହ୍ନଭୋଜନ ନ ଦିଆଯାଉ ପଛେ ଆବଶ୍ୟକ ଶ୍ରେଣୀଗୃହ ଯୋଗାଇ ଦିଆଯାଉ ବୋଲି ସ୍ଲୋଗାନ ଦେଇ ସ୍କୁଲ ସମ୍ମୁଖରେ ଖରାରେ ବସି ରହି ଦୀର୍ଘ ସମୟ ଆନ୍ଦୋଳନ ଚଳାଇଥିଲେ । ଖବରପାଇ ଦିଗପହଣ୍ଡି ବ୍ଲକ ଅତିରିକ୍ତ ବିଡ଼ିଓ ଉମେଶ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ଶତପଥି, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ ମହାପାତ୍ର, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ ପ୍ରମୁଖ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକମାନଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ । ହେଲେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଲିଖିତ ଭାବେ ନ ଜଣାଇବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଥିଲେ ।

ପରେ ଅଧିକାରୀ ବୃନ୍ଦ ଆସନ୍ତା ୭ ଦିନ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଟେଣ୍ଡର କରାଯିବ । ଟେଣ୍ଡର ସରିବା ପରେ ୨/୩ ମାସ ଅବଧି ମଧ୍ୟରେ ଶ୍ରେଣୀଗୃହ ନିର୍ମାଣ ସରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି । ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମର ମଲ୍ଲିକଙ୍କୁ ପଚାରିବାରୁ ସ୍କୁଲରେ ଅତିରିକ୍ତ ଶ୍ରେଣୀଗୃହ ନଥିବାରୁ ଶିକ୍ଷାଦାନ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ଘୋର ଅସୁବିଧାର ସାମ୍ନା କରିବାକୁ ପଡୁଛି । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଟଏଲେଟକୁ ସମସ୍ତେ ବ୍ୟବହାର କରୁଛନ୍ତି । ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ୍ ନାହିଁ । ମଧ୍ୟାହ୍ନ ଭୋଜନ ରୋଷେଇ ଗୃହ ଭଗ୍ନ ଅବସ୍ଥାରେ ପଡ଼ିରହିଛି । ସ୍କୁଲ ପାଚେରୀ ଭାଙ୍ଗି ଯାଇଛି । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ଶ୍ରେଣୀ ଗୃହରେ ପାଣି ପଶିଯାଉଥିବା ସେ କହିଛନ୍ତି । ଅତିରିକ୍ତ ବିଡ଼ିଓଙ୍କୁ ଯୋଗାଯୋଗ କରିବାରୁ ଅତିରିକ୍ତ ଶ୍ରେଣୀଗୃହ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର ହୋଇଛି । ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ନିର୍ମାଣ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି ।

# ଯୁଗ୍ମ ଜନ ଶୁଣାଣି : ୩୯ ଅଭିଯୋଗ ପଞ୍ଜିକୃତ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବ୍ୟାସନଗର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ୍ ୩୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।



ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୮ ଗୋଟି ଏବଂ ରେଡ୍‌କ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇ ଥିଲା । ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ପଡ଼ିଆ ବ୍ଲକ୍‌ରେ ବିକାଶମୂଳକ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପଡିଆ ବ୍ଲକ ଗସ୍ତ କରି ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସେଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ସମୟରେ ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଜିଲ୍ଲାପାଳ ଇରାଲଗୁଣ୍ଡି ଭିମା ମାଡକାମୀ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ପିଏ ଆଇଟିଡିଏ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି କନ୍ୟାଶ୍ରମ ସ୍ଥିତ ପିଏମ୍ ଶ୍ରୀ ସ୍କୁଲ୍ ପରିଦର୍ଶନ କରି ଶ୍ରେଣୀ ଗୃହର ମରାମତି ଓ ଖେଳ ପଡିଆର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୀଲିଗୁଡା ଠାରେ ନିର୍ମାଣାଧୀନ ହୋମିଓପାଥି ମେଡିକାଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ଇରାଲଗୁଣ୍ଡି ଅଙ୍ଗନବାଡ଼ି କେନ୍ଦ୍ରକୁ ଏକ ଆଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଛନ୍ତି ।

ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଜିଲ୍ଲାପାଳ ଉଣ୍ଡରୁକୋଣ୍ଡା ଠାରେ ମହିଳାଙ୍କ ଦ୍ୱାରା ପରିଚାଳିତ ଶାବେରୀ ଘରୋଇ ଉତ୍ପାଦ କେନ୍ଦ୍ରର ବଡ଼ି ଓ ପାମ୍ପଡ ପ୍ରସ୍ତୁତି ଦେଖି ଖୁସି ବ୍ୟକ୍ତ କରିଥିଲେ । ଏହି ଉତ୍ପାଦଗୁଡ଼ିକର ବିକ୍ରି ପାଇଁ ଏକ ରିଟେଲ ଆଉଟଲେଟ୍ ଖୋଲିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଗିରକାନପାଲି ଠାରେ ବାୟୋ ଫ୍ଲୋକ୍ ମାଛ ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଏହାର ଉତ୍ପାଦନ ବୃଦ୍ଧି ଉପରେ ଜୋର ଦେଇଛନ୍ତି ।

# କୋରାପୁଟ ଜିଲ୍ଲା ପେଟ୍ରୋଲ ପମ୍ପରେ ମିଳୁନି ମୌଳିକ ସୁବିଧା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ରେ ଥିବା ବହୁ ପେଟ୍ରୋଲ ପମ୍ପରେ ମିଳୁନି ମୌଳିକ ସୁବିଧା ପ୍ରଶାସନ ପକ୍ଷରୁ କରାଯାଉ ସଚେତନତା କ୍ଷ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଉତ୍ତମ ମାନର ଦ୍ରବ୍ୟ ଓ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଖାଉଟି ସୁରକ୍ଷା ଆଇନକୁ ସରକାର ଗୁରୁତ୍ୱ ଦେଉଛନ୍ତି ।

ଉପଭୋକ୍ତାଙ୍କୁ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତି, ଗୋଷ୍ଠୀ ସଂସ୍ଥାମାନଙ୍କ ଶୋଷଣରୁ ସୁରକ୍ଷା ପ୍ରଦାନ କରିବା ଏପରି ଆଇନର ଉଦ୍ଦେଶ୍ୟ । ଏହି ଆଇନର ଖୋଲା ଖୋଲି ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ ହେଉଛି । ବିଶେଷ କରି ପେଟ୍ରୋଲ ପମ୍ପର ମାଲିକମାନେ ଗ୍ରାହକଙ୍କୁ ଆନୁସଙ୍ଗିକ ସେବା ଯୋଗାଇବାରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ଗ୍ରାହକ ସୁବିଧା ପାଇଲେ କି ନାହିଁ ତଦାରଖ ହେଉନି । ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ କ'ଣ ସୁବିଧା ରହିଛି ସେ ନେଇ ମଧ୍ୟ ପ୍ରଶାସନ ପକ୍ଷରୁ ସଚେତନ କରାଯାଉନାହିଁ । କୋରାପୁଟ ଜିଲ୍ଲା ଜୟପୁର, ସେମିଳିଗୁଡ଼ା, କୋରାପୁଟ,



ବୈପାରିଗୁଡ଼ା, ବୋରିଗୁମ୍ମା, କୋଟପାଡ଼ ଅଞ୍ଚଳରେ ମାଳ ମାଳ ପେଟ୍ରୋଲ ପମ୍ପ ଗଢି ଉଠିଥିବା ବେଳେ ଅଧିକାଂଶ ପେଟ୍ରୋଲ ପମ୍ପରେ ଅପମିଶ୍ରିତ ତେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି । ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ସରକାରୀ ନିୟମକୁ ଉପେକ୍ଷା କରି ଗ୍ରାହକଙ୍କୁ ସେବା ଯୋଗାଉନାହାନ୍ତି । ଏଭଳି ସ୍ଥିତିରେ ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ପେଟ୍ରୋଲ ପମ୍ପର ସ୍ଥିତିକୁ ଅନୁଧ୍ୟାନ କଲେ ଖାଉଟି ସୁରକ୍ଷା ଆଇନ ଗୁରୁତ୍ୱ ହରାଇଛି । ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରେ ପାନୀୟ ଜଳ ସୁବିଧା ଯୋଗାଇବାରେ ବ୍ୟବସ୍ଥା ଥିଲେ ହେଁ ଅନେକ ସ୍ଥାନରେ ଗ୍ରାହକଙ୍କୁ ଏହି ସେବା ଯୋଗାଇ ଦିଆଯାଉନି । କାଗଜପତ୍ରରେ ସବୁ କିଛି ଠିକ ଠାକ ରହିଛି । ସେହିଭଳି କିଛି ପେଟ୍ରୋଲ ପମ୍ପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । କେତେକାଂଶରେ ଅଛି ଅଥଚ ତାହା କାମ କରୁନି । ସେହିପରି ପେଟ୍ରୋଲ ପମ୍ପରେ 'ପ୍ରେସର ଚେକ୍' ବ୍ୟବସ୍ଥା ବାଧ୍ୟତା ମୂଳକ ହୋଇଥିଲା ବେଳେ ହେଲେ କାଁ ଭାଁ ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । କେଉଁଠି କେବଳ ନାମ ମାତ୍ର ପ୍ରେସର ଚେକ୍ ମେସିନ ରଖାଯାଇ ଖରାପ ଅଛି ବୋଲି ସଫେଇ ଦିଆଯାଉଛି ।

ସେହିପରି ପେଟ୍ରୋଲ ପମ୍ପରେ ପାଇଖାନା ସୁବିଧା, କମ୍ପ୍ୟୁଟର ବିଲ୍, ମାଗଣା କଲ୍ ବ୍ୟବସ୍ଥାର ସୁବିଧା ଦେବାକୁ ସରକାରୀ ନିୟମ ରହିଛି । ହେଲେ ଏ ସବୁ ସୁବିଧାରୁ ଗ୍ରାହକ ବଞ୍ଚିତ ହେଉଛନ୍ତି । ଶୌଚାଳୟ ସୁବିଧା ୬୦ ପ୍ରତିଶତ ସ୍ଥାନରେ ନାହିଁ । କିଛି ସ୍ଥାନରେ ଏହା ରହିଥିଲେ ମଧ୍ୟ ତାହା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି । ସେହିପରି ପେଟ୍ରୋଲ ପମ୍ପରେ ଅଭିଯୋଗ ପୁସ୍ତିକା ରଖିବାର ନିୟମ ରହିଛି । କିଛି ପେଟ୍ରୋଲ ପମ୍ପକୁ ଛାଡିଦେଲେ । ଅଧିକାଂଶ ପେଟ୍ରୋଲ ପମ୍ପରେ ଆଦୌ ଏହି ସୁବିଧା ନାହିଁ । ଅଭିଯୋଗ ପୁସ୍ତିକା ପେଟ୍ରୋଲ ପମ୍ପରେ ରଖିଲେ ଗ୍ରାହକ କ'ଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେବା ପାଇଲେ କି ନାହିଁ ସେ ନେଇ ଉଲ୍ଲେଖ କରି ପାରିବେ । ତେଲ କମ୍ପାନୀ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଗ୍ରାହକଙ୍କୁ ସେବା ଯୋଗାଇ ଦେବାକୁ ପରାମର୍ଶ ଦିଅନ୍ତେ । ଏଣୁ ଏହି ଦିଗ ପ୍ରତି କୋରାପୁଟ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଓ ମାପ ଓଜନ ବିଭାଗ ଦୃଷ୍ଟି ଦେଲେ ଗ୍ରାହକ ମାନେ ଉପକୃତ ହୋଇପାରନ୍ତେ ବୋଲି ଅନେକ ଗ୍ରାହକ ମତ ପୋଷଣ କରୁଛନ୍ତି ।

# କଦମପଡ଼ା ଶିଶୁମନ୍ଦିରରେ ଓଡ଼ିଆ ପକ୍ଷ ପାଳିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀରସ୍ଥ କଦମପଡ଼ାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ବିଦ୍ୟାଳୟର ସଭାପତି ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ 'ଓଡ଼ିଆ ପକ୍ଷ' ପାଳନ କରାଯାଇଛି । ମୁଖ୍ୟ ଅତିଥି ରୂପେ ବରିଷ୍ଠ ଅଧ୍ୟାପକ, ମହିଳା ମହାବିଦ୍ୟାଳୟର ରତିକାନ୍ତ ନାଏକ ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ଛାତ୍ରୀ ଶ୍ରୀମୟୀ ପଣ୍ଡା, ଆଦ୍ୟାଶା ମିଶ୍ର, ଅର୍ଚ୍ଚିତା କପାଟ, ଶୁଭଶ୍ରୀ ମିଶ୍ର ଗାନ କରିଥିଲେ । ପରେ ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂଯୋଜନା ଗୁରୁମା ମୀନା ଦାଶ କରିଥିଲେ । ବିଦ୍ୟାଳୟର ସଭାପତି ମୁଖ୍ୟ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ମୁଖ୍ୟବକ୍ତା ନିଜ ବକ୍ତବ୍ୟ ଦେଇ ଓଡ଼ିଆ ଭାଷା ଅସ୍ମିତାର ଇତିହାସ ବର୍ଣ୍ଣନା କରିଥିଲେ । ପରେ ସଭାପତି ମହୋଦୟ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଗୁରୁମା ମମତା ଭୋଇ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି ଗୁରୁମା ମୀନା ଦାସଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସମ୍ପୂର୍ଣ୍ଣ ହୋଇଥିଲା ।

# ଭୂତକୋଠି ପାଲଟିଛି ଏମ୍‌କେସିଜି ଚର୍ମରୋଗ ଇନ୍‌ଡ଼ୋର କୋଠା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ର ଚର୍ମ, ଯୌନ ଓ କୁଷ୍ଠ ରୋଗ ବିଭାଗର ଇନ୍‌ଡ଼ୋର କୋଠା ଏବେ ଭୂତ କୋଠି ପାଲଟିଛି । ଯେଉଁ ବିଭାଗରେ ବର୍ଷକୁ ଲକ୍ଷାଧିକ ରୋଗୀ ଆଉଟ୍‌ଡ଼ୋରରେ ଚିକିତ୍ସା ପାଇଁ ଆସୁଛନ୍ତି ଉକ୍ତ ବିଭାଗରେ ଇନ୍‌ଡ଼ୋରେ ରୋଗୀଙ୍କ ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥା ସୃଷ୍ଟି କରିଛି । ବିଭାଗର ଆଉଟ୍‌ଡ଼ୋରରେ ରୋଗୀଙ୍କ ପ୍ରବଳ ଭିଡ଼ ରହିଥିବା ବେଳେ ଇନ୍‌ଡ଼ୋରରେ ହାତଗଣତି ରୋଗୀ ଚିକିତ୍ସିତ ହେଉଛନ୍ତି । ହସ୍‌ପିଟାଲ୍‌ର ଚର୍ମ, ଯୌନ ଓ କୁଷ୍ଠ ରୋଗ ବିଭାଗର ଇନ୍‌ଡ଼ୋର ମୋଟ ୩୦ଟି ଶଯ୍ୟା ରହିଥିବା ବେଳେ ୩ ମହଲା ବିଶିଷ୍ଟ ଅତି ଉନ୍ନତମାନର କୋଠା ରହିଛି । ବିଭାଗର ଇନ୍‌ଡ଼ୋରରେ ମାସକୁ କେବଳ ୨୦ରୁ ୨୫ ଜଣ ରୋଗୀ ଭର୍ତ୍ତି ହେଉଛନ୍ତି । ଡାକ୍ତର, ନର୍ସିଂ କର୍ମଚାରୀ ଓ ଅନ୍ୟାନ୍ୟ ଷ୍ଟାଫ୍ ଥିବା ସତ୍ତ୍ୱେ ଏହି ଅବସ୍ଥା ଅନେକ ପ୍ରଶ୍ନ ଉଠାଇଛି । ଗୋଟିଏ ପକ୍ଷରେ ଆଉଟ୍‌ଡ଼ୋରରେ ରୋଗୀଙ୍କ ଭିଡ଼ ଲାଗି ରହୁଥିବା ବେଳେ ଅନ୍ୟପକ୍ଷରେ ଇନ୍‌ଡ଼ୋର କୋଠା ଖାଲି ପଡ଼ି ରହିଛି । ଏହାର ମୂଳ କାରଣ ଭାବେ ବିଭାଗର ଅବ୍ୟବସ୍ଥା ଓ ସେବାର ଅଭାବକୁ ବିଭିନ୍ନ ମହଲରେ ଦାୟୀ କରାଯାଉଛି । ଏହା ସହିତ ଇନ୍‌ଡ଼ୋରରେ ନିୟମିତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ନଥିବାରୁ ବହୁ ସାମଗ୍ରୀ ଚୋରି ହେଉଥିବା ଅଭିଯୋଗ ମଧ୍ୟ ହୋଇଛି । ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ଥିବାରୁ ଏପରି ଘଟଣା ଘଟୁଥିବା କୁହାଯାଉଛି । ଏହାର ପ୍ରଭାବ ସିଧାସଳଖ ଭାବରେ ରୋଗୀ ସେବା ଉପରେ ପଡୁଛି । ରୋଗୀମାନେ ଇନ୍‌ଡ଼ୋର ଚିକିତ୍ସା ପାଇଁ ଆସିବାକୁ ରୁଚି ଦେଖାଉନାହାନ୍ତି । ଅନ୍ୟପକ୍ଷରେ ବିଭାଗରେ ପ୍ରଫେସରଙ୍କ ଠାରୁ ଆରମ୍ଭ କରି ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି । କିନ୍ତୁ ଇନ୍‌ଡ଼ୋରରେ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହୁଥିବା ବେଳେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ମଧ୍ୟ ସମସ୍ୟା ଦେଖାଦେଉଛି । ଏମ୍‌କେସିଜି ମେଡ଼ିକାଲ୍ ଭଳି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ରୋଗୀଙ୍କ ଅଭାବ ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ତେଣୁ ବିଭାଗର ଇନ୍‌ଡ଼ୋରରେ ଉନ୍ନତମାନର ରୋଗୀସେବା ପ୍ରଦାନ ସହ କିଭଳି ଅଧିକ ମାତ୍ରାରେ ରୋଗୀ ଚିକିତ୍ସା ସୁବିଧା ପାଇବେ । ଏହା ସହ ସଠିକ୍ ସମୟରେ କର୍ମଚାରୀ ନିଜ କାର୍ଯ୍ୟରେ ଯୋଗଦେବେ ଏଥି ପ୍ରତି ମେଡ଼ିକାଲ୍ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ଉପାନ୍ତରେ ଦୁଃଖ ଦେଉଛି ଜଳ କଷ୍ଟ

# ତେନ୍ତୁଳିପୋଡ଼ାରେ ନଳକୂପର ଗଳିଆ ପାଣି ହିଁ ଏକ ମାତ୍ର ଭରସା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଉପାନ୍ତରେ ଦୁଃଖ ଦେଉଛି ଜଳ କଷ୍ଟ । ବର୍ଷ ବର୍ଷ ଧରି ଏଠି ଲୋକେ ପାଣି ପାଇଁ ଛଟପଟ ହେଉଛନ୍ତି । ପାଣି ପାଇଁ ଏକଜୁଟ ହୋଇ ନଳକୂପ ଯାଏଁ ଯାଉଛନ୍ତି ସତ କିନ୍ତୁ ନଳକୂପରୁ ଗଳିଆ ପାଣିକୁ ନେଇ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ଅଞ୍ଚଳରେ ବସୁଧା ଯୋଜନାରେ ଗାଁକୁ ଗାଁ, ଘରକୁ ଘର ପାଣି ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ ଉପାନ୍ତବାସୀ କିନ୍ତୁ ପାଣି ନପାଇ ଉହଲ ବିକଳ ହେଉଛନ୍ତି । ଏଭଳି ଚିତ୍ର କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ତେନ୍ତୁଳିପୋଡ଼ା ଗାଁରେ । ତେନ୍ତୁଳିପୋଡାରେ ୧୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ମାତ୍ର ଏଠାରେ ବସୁଧା ଯୋଜନା ଫେଲ୍ ମାରିଛି । ନଳକୂପ ହିଁ ଏମାନଙ୍କ ସହାଭରସା । ତାହା ମଧ୍ୟ ଅଚଳ ସାଙ୍ଗେ ସମାନ । ଘଣ୍ଟାଏ ମାରିଲେ ଗୋଟିଏ ହାଣ୍ଡି ପାଣି ବାହାରୁଛି । ସେ ପୁଣି ଗଳିଆ ପାଣି । ଏହି ପାଣି ପିଇବା ଉପଯୋଗୀ ନୁହେଁ କିନ୍ତୁ ପାନୀୟ ଜଳର କୌଣସି ବିକଳ୍ପ ନପାଇ ଲୋକେ ବାଧ୍ୟ ହୋଇ ଏହି ପାଣି ବ୍ୟବହାର କରୁଛନ୍ତି । ଏଠାରେ ବସୁଧା ସାଜିଛି ପ୍ରହସନ । ଗାଁ ମୁଣ୍ଡରେ ପାଣି ଟାଙ୍କି ନିର୍ମାଣ କରାଯାଇଛି । ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି । ମାତ୍ର ତାହା କାମରେ ଆସୁନି । ଏନେଇ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ କିମ୍ବା ବିଡ଼ିଓ କେହି ବି ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ୱାର୍ଡ ମେମ୍ବର କାମୁଲୁମୁଣ୍ଡାଗୁଡ଼ିଆ ଏବଂ ଗାଁର ଗଙ୍ଗା ପୂଜାରୀ, ବଲୁ ନାୟକ, ବଳବ ପପୁଲ, ପତି ପପୁଲ, ସୁକାନ୍ତ ପୂଜାରୀ । ଜଳ ହିଁ ଜୀବନ । ମାତ୍ର ରାଜ୍ୟ ସରକାରଙ୍କ ଅସଜଡ଼ା ବସୁଧା ଯୋଜନା ପାଇଁ ତେନ୍ତୁଳିପୋଡ଼ାରେ ଜଳ ସାଜିଛି ଦୁଃଖର କାରଣ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ବସୁଧା ଯୋଜନାର ଲାଭ ପାଇ ପାରିବେ ଉପାନ୍ତବାସୀ ।

# ଗ୍ରାମୀଣ ଅଞ୍ଚଳରେ ନିମ୍ନମାନର ରାସ୍ତା କାମ ନେଇ ଅଭିଯୋଗ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଗ୍ରାମୀଣ ଅଞ୍ଚଳରେ ନବନିର୍ମିତ ପିଚୁ ରାସ୍ତା କାମରେ ଦୁର୍ନୀତି ନେଇ ଗୁରୁତର ଅଭିଯୋଗ ଉଠିଛି । ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡ଼ି ଉଠି ଯାଉଛି । ରାସ୍ତାରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଛି । ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପୁସୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଏମ.ପି.ଭି.-୫୫ ଛକରୁ ମାଲାଭାରମ୍ ପଞ୍ଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧.୮ କି.ମି. ରାସ୍ତା କାମକୁ ନେଇ ଉଠିଛି ଗୁରୁତର ଅଭିଯୋଗ । ଏମ.ପି.ଭି-୫୫ ,ଏମ.ଭି-୧୨୮, ଏମ.ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭାରମ୍‌କୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ ସମାପ୍ତ ହୋଇଥିବା ସତ୍ତ୍ୱେ, ଏହାର ଗୁଣବତା ନେଇ ଏବେ ପ୍ରଶ୍ନ ଉଠିଛି । ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଠିକ୍ ନିୟମ ମାନି କାମ ନକରିବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ପିଚୁ ମାତ୍ରା ଅତି କମ୍ ଥିବାରୁ ରାସ୍ତା ତମାମ ଚିପ୍ସ ଖେଳେଇ ହୋଇଯାଇଛି, ଯାହାକି ଦୁଇ ଚକିଆ ଯାନ ପାଇଁ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ବଢ଼ାଉଛି । ବର୍ଷା ଆସିବା ପୂର୍ବରୁ ଏଭଳି ରାସ୍ତାର ଅବସ୍ଥା ଲୋକଙ୍କୁ କଷ୍ଟ ଦେଉଛି । ସ୍ଥାନୀୟ ଅଞ୍ଚଳର ଗ୍ରାମ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା କାମ ସମୟରେ ମଧ୍ୟ ନିମ୍ନମାନର କାମ ହେଉଥିବାକୁ ନେଇ ଏମ.ଭି. ୧୨୮ ଗ୍ରାମବାସୀ ଅନେକ ପ୍ରତିବାଦ କରିଥିଲେ ହେଲେ କେହି କର୍ଣ୍ଣପାତ କରିନଥିଲେ । ବିନା କୌଣସି କାର୍ଯ୍ୟ ଫଳକରେ କାର୍ଯ୍ୟ ତରବରିଆ ଭାବେ ସମାପ୍ତ କରାଯାଇଛି । ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖରାପ ନିର୍ମାଣର ପ୍ରମାଣ ଦେଖିବାକୁ ମିଳୁଛି, ଯାହା ଯାତାୟାତକୁ ବିପଦଜନକ କରିଛି । ଲୋକମାନେ ଦାବି କରିଛନ୍ତି ଯେ, ଏହି କାମର ଗୁଣବତା ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ । ସ୍ଥାନୀୟ ପ୍ରଶାସନଙ୍କ ଧ୍ୟାନ ଆକର୍ଷଣ ପାଇଁ ଲୋକମାନେ ଏହାକୁ ଏକ ଗୁରୁତର ସମସ୍ୟା ଭାବେ ଉଠାଇ ଛନ୍ତି । ଶୀଘ୍ର ରାସ୍ତାର ପୁନଃମରାମତି ଓ ଉଚ୍ଚ ମାନର କାମ କରାଯିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

# ବିଶ୍ୱ ପଥପ୍ରାନ୍ତ ନାଟକରେ ଦେଖିବାକୁ ମିଳୁନି କଳାକାରଙ୍କ ଅଭିନୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ହଜିଯାଉଛି ପଥପ୍ରାନ୍ତ ନାଟକ । ଆଉ ପଥ ପ୍ରାନ୍ତରେ ଦେଖିବାକୁ ମିଳୁନି କଳାକାରଙ୍କ ଅଭିନୟ, ଶୁଣିବାକୁ ମିଳୁନି ସଂଳାପ । ସଚେତନତାଧର୍ମୀ ହେଉ ଅବା ମନୋରଞ୍ଜନଧର୍ମୀ ବିଷୟବସ୍ତୁ, ସହଜ ଓ କମ୍ ସମୟରେ ଲୋକଙ୍କ ନିକଟତର ହେବାରେ ପଥପ୍ରାନ୍ତ ନାଟକ ଏକ ବିଶାଳ ମାଧ୍ୟମ । ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ବଡ଼ ବଡ଼ ସହରରେ 'ନୁକ୍କଡ' (ପଥପ୍ରାନ୍ତ ନାଟକ)ର କ୍ରେଜ୍ ରହିଛି, ହେଲେ ଓଡ଼ିଶାରେ ଏହାର ଲୋକପ୍ରିୟତା ନଗଣ୍ୟ । କେବଳ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ ପଥପ୍ରାନ୍ତ ନାଟକ ହାତଗଣତି ସହରମାନଙ୍କରେ କରାଯାଉଛି ।

କଳାକାର ଅଛନ୍ତି ହେଲେ ମାତ୍ର ପଥପ୍ରାନ୍ତ ନାଟକ ହେଉନି । ନାଟ୍ୟଧାରାର ଏହି ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଭୟ ସରକାର ଓ ନାଟ୍ୟ ସଙ୍ଗଠନ ଅଣ୍ଟା ଭିଡ଼ନ୍ତୁ ବୋଲି ନାଟ୍ୟପ୍ରେମୀମାନଙ୍କ ମତ । ଯୁବ ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସଙ୍କ ମତରେ, ପଥପ୍ରାନ୍ତ



ନାଟକ ଦ୍ୱାରା ଲୋକମାନେ ସହଜରେ ସାମାଜିକ ସମସ୍ୟା ବୁଝନ୍ତି, ବିଦ୍ୟାଳୟ ଓ କଲେଜରେ ଏହା ଶିକ୍ଷାକୁ ଆକର୍ଷଣୀୟ କରେ, ଦୁର୍ନୀତି ବିରୋଧ, ସ୍ୱଚ୍ଛତା, ନାରୀ ଅଧିକାର ଭଳି ବିଷୟରେ ଲୋକମାନଙ୍କ ମନୋଭାବ ବଦଳାଇବାରେ ସାହାଯ୍ୟ କରେ । ହେଲେ ସାମ୍ପ୍ରତିକ ସମୟରେ ଯୁବଗୋଷ୍ଠୀ ଏହାଠାରୁ ଧୀରେ ଧୀରେ ଦୂରେଇ ଯାଉଥିବାରୁ ପଥପ୍ରାନ୍ତ ନାଟକର ପ୍ରସ୍ତୁତି, ଅଭ୍ୟାସ ଏବଂ ପ୍ରଦର୍ଶନ ଦିନକୁ ଦିନ କମି କମି ଚାଲିଛି । ପୂର୍ବରୁ ବିଭିନ୍ନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କୁ ନାଟକ ଶିକ୍ଷା ଦିଆଯାଉଥିଲା । ଛାତ୍ରଛାତ୍ରୀମାନେ ଜନବସତିକୁ ଯାଇ ପଥପ୍ରାନ୍ତ ନାଟକ କରୁଥିଲେ । ଏପରିକି କଲେଜ, ବିଶ୍ୱବିଦ୍ୟାଳୟରେ ଡ୍ରାମାଟିକ୍ ଆସୋସିଏସନ୍ ଥିଲା । ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ରେ ଭାଗ ନେଉଥିବା ଛାତ୍ରଛାତ୍ରୀମାନେ ବସ୍ତିଅଞ୍ଚଳକୁ ଯାଇ ନାଟକ ପରିବେଷଣ କରୁଥିଲେ ।

ଏନେଇ ବରିଷ୍ଠ ନାଟ୍ୟକାର ମନ୍ମଥ ଶତପଥୀ କହିଛନ୍ତି ପଥପ୍ରାନ୍ତ ନାଟକ ଏତେ ସହଜ ନୁହେଁ । ଏହାର ସ୍କ୍ରିପ୍ଟ ଓ ସଂଳାପ ମଞ୍ଚ ଓ ଥିଏଟରଠାରୁ ଭିନ୍ନ । ଏବେବି ଗାଁଗହଳିରେ ଲୋକନାଟକ ମାଧ୍ୟମରେ ପଥପ୍ରାନ୍ତ ନାଟକ ହେଉଛି । ହେଲେ ସହରରେ ହେଉନି । ଏହାର କାରଣ କଳାକାରଙ୍କ ଇଚ୍ଛାଶକ୍ତି ଅଭାବ । ସେମାନେ ଆଉ ତଳସ୍ତରକୁ ଆସୁନାହାନ୍ତି । ମଞ୍ଚରେ ରହୁଛନ୍ତି ନ ହେଲେ ୟୁଟ୍ୟୁବରେ । ତେଣୁ କଳାକାରଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର ।

ସେହିପରି ଜଣେ ପଥପ୍ରାନ୍ତ କଳାକାର କହିଛନ୍ତି, ଆମେ ୩୦ ବର୍ଷ ହେଲାଣି ଭୁବନେଶ୍ୱର ସମେତ, ଦେଶର ସମସ୍ତ ରାଜ୍ୟର ରାଜଧାନୀରେ ପଥପ୍ରାନ୍ତ ନାଟକ କରୁଛୁ । ବିଶେଷକରି ଦେଶାତ୍ମବୋଧ, ଏଚଆଇଭି ଏଡ୍‌ସ, ପଶୁପକ୍ଷୀଙ୍କ ଅତ୍ୟାଚାର, ଯୌତୁକ ହଟାଅ, ବଧୂ ହତ୍ୟା, ଶିଶୁ ଚାଲାଣ, ଗ୍ୟାସ ସମସ୍ୟା ଓ ମୋବାଇଲର ନକରାତ୍ମକ ଦିଗ ଉପରେ ନାଟକ କରିଛୁ । ଯୁବପିଢ଼ି ଆମକୁ ଦେଖି ବିଭିନ୍ନ ଦୃଶ୍ୟକୁ ରେକର୍ଡିଂ କରୁଛନ୍ତି । ତେଣୁ ଆଜିର ଯୁବ କଳାକାର ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କ ସହ ଯୋଡ଼ିରୁହନ୍ତୁ ।





# ଅସହ୍ୟ ଗୁଳୁଗୁଳି:ହାଇସ୍କୁଲର ୭ଜଣ ଅନ୍ତେବାସୀ ଡାକ୍ତରଖାନାରେ ଭର୍ତ୍ତି



**ମୟୂରଭଞ୍ଜ, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଚାନ୍ଦୁଆ ସ୍ଥିତ ଏସ୍ଏସ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ୭ ଜଣ ଅନ୍ତେବାସୀ ଅସୁସ୍ଥ ହେବା ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ ପୂର୍ବାହ୍ନରେ ଅନ୍ତେବାସୀମାନେ ଅସୁସ୍ଥ ହେବାରୁ ସେଠାରେ ଥିବା ଜଣେ ଶିକ୍ଷୟିତ୍ରୀ ପ୍ରଥମେ ଏମାନଙ୍କୁ ଚାନ୍ଦୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ସୌରଭ କୁମାର ନାୟକ ଓ ଆୟୁଷ ଡାକ୍ତର ଚିନ୍ମୟ କୁମାର ନାୟକ ଅନ୍ତେବାସୀଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ପରେ ପର୍ଯ୍ୟାୟକ୍ରମେ ବାରିପଦା ପିଆର୍ଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌କୁ ପଠାଇ ଦେଇଥିଲେ । ଅସୁସ୍ଥ ଛାତ୍ରୀମାନେ ହେଲେ ଶ୍ରଦ୍ଧା ନାଏକ, ଧାନୀ ହାଁସଦା, ସିନଗୋ ମାରାଣ୍ଡି, ରଇବାରୀ ସୋରେନ୍, ସଞ୍ଜିତା ମାରାଣ୍ଡି, ସଂଗୀତା ସେଠୀ ଏବଂ ଲିଜା ସିଂ ପିଆର୍ଏମ୍‌ରେ ଚିକିତ୍ସିତ ହେଉଛନ୍ତି । ସମସ୍ତ ଛାତ୍ରୀଙ୍କର ବାନ୍ତି, ମୁଣ୍ଡବୁଲା, ମୁଣ୍ଡ ବିନ୍ଧା ଓ ବାତରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ପିଏଚ୍ଇଓ ଖୁଲଣା ପରିଡା, ବିପିଏମ୍ ଦେବୀ ଅର୍ଚ୍ଚନା ମହାପାତ୍ର ଫର୍ମାସୀ ଅଫିସର କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ୍ ଟିମ୍ ଚାନ୍ଦୁଆ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆଶୁ ଚିକିତ୍ସା ପ୍ରଦାନ କରିଥିଲେ । କ୍ଷେତ୍ର ପରିଦର୍ଶନ କରିଥିବା ମେଡିକାଲ୍ ଟିମ୍ ଠାରୁ ଜଣାପଡ଼ିଛି ଯେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ୭୧ ଜଣ ଅନ୍ତେବାସୀ ଛାତ୍ରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି । ତାର କାରଣ ଉପର ମହଲା କାମ ସରିନାହିଁ । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ କେଉଁ କାରଣରେ ଏତେ ସଂଖ୍ୟକ ଛାତ୍ରୀ ଅସୁସ୍ଥ ହେଲେ ତାହା ଜଣାପଡୁନାହିଁ । ମେଡିକାଲ୍ ରିପୋର୍ଟ ଆସିଲେ କାରଣ ଜଣାପଡ଼ିପାରେ ବୋଲି ଆଶା କରାଯାଉଛି ।

# ଦେଶ ଗଠନରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି:ଉପବାଚସ୍ପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ, ଗଠନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶୁକ୍ରବାର ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମତବ୍ୟକ୍ତ କରିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇନ୍ ମହାବିଦ୍ୟାଳୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଯୁବ ସଂସଦ 'ଲୋକ ସମ୍ବାଦ-୨୦୨୬'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପବାଚସ୍ପତି ଶ୍ରୀ ଭୋଇ କହିଛନ୍ତି ଯେ ଯେଉଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ସେ ଦେଶ ଅଧିକ ପ୍ରଗତିଶୀଳ । ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୪ଟି ପର୍ଯ୍ୟାୟରେ ଆଲୋଚନାଚକ୍ରର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାର ପ୍ରସଙ୍ଗ ରହିଛି 'ୱିଇ ଦ ୟୁଥ୍, ୱିଇ ଦ ରିପବ୍ଲିକ୍' । ଏହି କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ରାଜନୈତିକ ପୃଷ୍ଠ ଭୂମିରେ ଲୋକସଭା ଓ ଓଡ଼ିଶା ବିଧାନସଭା ସମ୍ପର୍କରେ ଆଲୋଚନା ତଥା ବିଶ୍ୱର ରାଜନୈତିକ କ୍ଷେତ୍ରରେ ଆମେରିକା, ମିଡିଲ୍ ଇଷ୍ଟ, ଚୀନ୍ ଓ ଋଷିଆକୁ ନେଇ ବିବାଦ ମଧ୍ୟରେ ଭାରତର ଭୂମିକା, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ ଏବଂ ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ପରିଚାଳନା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିବେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିରୋଧୀ ଦଳର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଲୋକମାନଙ୍କର ମଧ ଭାଗିଦାରୀ ରହିଛି ବୋଲି କହିଥିଲେ । ଛାତ୍ରଛାତ୍ରୀମାନଙ୍କୁ ରାଜନୀତି କ୍ଷେତ୍ରରେ ନିଜର ଭବିଷ୍ୟତ ଗଢ଼ିବା ନିମନ୍ତେ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ନିଜ ବକ୍ତବ୍ୟରେ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ଦେଶର ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିବା ଉଚିତ୍ ବୋଲି କହିଥିଲେ । ଯୁବପିଢ଼ି ବଜେଟ୍ ଓ ନୀତି ନିର୍ଦ୍ଧାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଧିକ ଜ୍ଞାନ ଆହରଣ କରିବା ନିମନ୍ତେ ସେ ଆହ୍ୱାନ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଆସୋସିଏଟ୍ ପ୍ରଫେସର ଡକ୍ଟର ଅମୃତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜାମରେ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା:୨ଗିରଫ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଗ୍ରାମରେ ଦେଖିବାକୁ ମିଳିଛି ଏକ ଅମାନବୀୟ ଘଟଣା । ଗୁଣି ଗାରେଡି ସନ୍ଦେହରେ ଏକାଦଶୀ ନାହାକ ବ୍ୟକ୍ତିଙ୍କୁ ହତ୍ୟା । ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଗ୍ରାମର ଘନ ପ୍ରଧାନ (୪୫) ଏବଂ ତାଙ୍କ ଭାଉଜ ପଙ୍କଜା ପ୍ରଧାନ (୩୨) । ସୂଚନା ଅନୁସାରେ ଗତ ୧୨ ତାରିଖ ମଧ୍ୟାହ୍ନରେ ମୃତକ ଏକାଦଶୀ ନାହାକ ନିଜ ପାନ ବରଜକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଧାରୁଆ ଅସ୍ତ୍ରରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ପୋଲିସ ପକ୍ଷରୁ ତଦନ୍ତ ବେଳେ ମୃତ ଏକାଦଶୀ ନାହାକ ନିଜ ଗ୍ରାମରେ ଗୁଣିଗାରେଡି କରୁଥିବା ଜଣାପଡ଼ିଥିଲା । ବିଭିନ୍ନ ଅଞ୍ଚଳରୁ ଲୋକମାନେ ତାଙ୍କ ନିକଟକୁ ସମସ୍ୟା ନେଇ ଆସନ୍ତି । ଅଭିଯୁକ୍ତ ଘନ ପ୍ରଧାନ ଦୀର୍ଘ ୧୦ ବର୍ଷଧରି ତାଙ୍କ ସହ ଯୋଗାଯୋଗରେ ଥିଲେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଦିଗରେ ସମାଧାନ ବାଟ ବାହାର କରିବାକୁ ମୃତ ଏକାଦଶୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ କିଛି ବର୍ଷ ମଧ୍ୟରେ ଅଭିଯୁକ୍ତ ନିଜ ପରିବାରର ସ୍ତ୍ରୀ, ମାଆ ଏବଂ ନାତିଙ୍କୁ ହରାଇଥିଲେ । ଏପରିକି ତାଙ୍କର ପାଞ୍ଚଟି ଗାଈଙ୍କ ମୃତ୍ୟୁ ହୋଇଯାଇଥିଲା । ପରିବାର ଲୋକ ଏବଂ ଗାଈଙ୍କ ମୃତ୍ୟୁ ପାଇଁ ସେ ଏକାଦଶୀଙ୍କ ଗୁଣିଗାରେଡିକୁ ଦାୟୀ କରିଆସୁଥିଲେ । ଏହି ଆକ୍ରୋଶ ରଖି ଗତ ୧୨ ତାରିଖରେ ଘନ ଓ ତାଙ୍କ ଭାଉଜ ପଙ୍କଜା ମିଶି ପାନ ବରଜ ମଧ୍ୟରେ ଏକାଦଶୀଙ୍କୁ ଏକ କାଟି ସାହାଯ୍ୟରେ ଆକ୍ରମଣ କରି ହତ୍ୟା କରିଥିଲେ ।

# ପାନୀୟ ଜଳ ସଙ୍କଟ:ଲୋକେ ହନ୍ତସନ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମ ପଞ୍ଚାୟତ ସାହୁପଡା ଗ୍ରାମରେ ପାନୀୟ ଜଳ ସଙ୍କଟ ଗ୍ରୀଷ୍ମ ଆରମ୍ଭରୁ ଉତ୍କଟ ହୋଇଥିବା ଅଭିଯୋଗ ହୋଇଛି । ଦୁଇଟି ୱାର୍ଡକୁ ନେଇ ଗଠିତ ସାହୁପଡା ଗ୍ରାମର କିଛି ଅଞ୍ଚଳକୁ ମେଗା ପାନୀୟ ଜଳ ପହଞ୍ଚିପାରୁଥିବା ବେଳେ ଅଧା ପରିବାର ଜଳ ସଙ୍କଟର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଗ୍ରାମରେ ଲାଗିଥିବା ବିଭିନ୍ନ ଷ୍ଟାଣ୍ଡ ପୋଷ୍ଟ ଗୁଡିକରୁ ପାଣି ବାହାରୁନଥିବା ହେତୁ ଲୋକେ ମାଟି ତଳେ ଯାଇଥିବା ପାଇପ୍ ଲାଇନ୍ କାଟି ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଜଳ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଧାରିବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିବା ବେଳେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପାନୀୟ ଜଳରୁ ବଞ୍ଚିତ ଶତାଧିକ ପରିବାର ଦାବି କରିଛନ୍ତି ।

# ଗ୍ୟାସ୍ ସଙ୍କଟ ପ୍ରତିବାଦରେ ଉମରକୋଟ-ନବରଙ୍ଗପୁର ରାସ୍ତା ଅବରୋଧ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ମେଡିକାଲ୍ ଛକ ନିକଟରେ କଂଗ୍ରେସ ଓ ଗ୍ୟାସ୍ ଉପଭୋକ୍ତାଙ୍କ ପକ୍ଷରୁ ଉମରକୋଟ ଠାରୁ ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ । ଦୀର୍ଘ ଦିନ ହେଲା ଉପଭୋକ୍ତାଙ୍କୁ ଗ୍ୟାସ୍ ମିଳୁନାହିଁ, ବୁକିଂ କରିବାର ୪୫ ଦିନ ପରେ ବୁକିଂ ହେଉଛି, ଅଧିକା ଡରରେ ଗ୍ୟାସ୍ ଡେଲିଭରି ବୟ ବିକ୍ରି କରୁଛନ୍ତି । ଦୀର୍ଘଦିନ ହେଲା ଉମରକୋଟ ସହରାଞ୍ଚଳ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି । ତେଣୁ ସହରାଞ୍ଚଳ ଉପଭୋକ୍ତାଙ୍କୁ ଠିକ୍ ସମୟରେ ଗ୍ୟାସ୍ ମିଳୁନାହିଁ । ଉମରକୋଟ୍ ଗ୍ୟାସ୍ ଉପଭୋକ୍ତାଙ୍କୁ ସହରାଞ୍ଚଳରେ ସାମିଲ୍ କରିବା ପାଇଁ ରାସ୍ତା ରୋକ୍, ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଛିଡା ହୋଇ ରହିଛି, ନବରଙ୍ଗପୁର ଓ ଉମରକୋଟକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି । ଯେତେବେଳ ପର୍ଯ୍ୟନ୍ତ ସହରାଞ୍ଚଳ ଗ୍ୟାସ୍ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳ ତାଲିକାରୁ ବାହାର କରି ସହରାଞ୍ଚଳରେ ସାମିଲ୍ କରାଯିବନାହିଁ ରାସ୍ତା ରୋକ୍‌ରୁ ହଟିବେ ନାହିଁ ।



## ଗ୍ୟାସ୍ ସମସ୍ୟା ବେଳେ ମାତିଛନ୍ତି କାଠ ମାଫିଆ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପୋଇପାଣି ବିଟ କାଠବାରୀ ଗ୍ରାମ୍ୟ ଜଙ୍ଗଲରୁ କାଠ ମାଫିଆ ଆକାଶିଆ ଗଛ କାଟି ବାହାର ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି । ବିଳମ୍ବିତ ରାତିରେ କାଠ କାଟି ପିକ୍‌ଅପ୍ ଗାଡିରେ ନେଉଥିବା ସମୟରେ ଧରିଛି ବନବିଭାଗ । ବିଶେଷ ସୂତ୍ରରୁ ଖବରପାଇ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ଚଢ଼ଉରେ କାଠ ବୋଝେଇ ପିକ୍‌ଅପ୍ ଗାଡ଼ିକୁ ଜବତ କରାଯାଇଛି । ଜବତ ଗାଡ଼ିକୁ ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିବା ପାଟଣା ବନପାଳ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି । ଚଢଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, ପୋଇପାଣି ଫରେଷ୍ଟ ଗାର୍ଡ ରାଜେଶ ଜେନା ଓ ପାରା କର୍ମଚାରୀ ସାମିଲ୍ ଥିଲେ ।

# ବାରବାଟୀ ଫୁଡ୍ କୋର୍ଟ ବିବାଦ ନେଇ ରାଜନୀତି ଜୋର୍ ଧରିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ବିବାଦରେ ବାରବାଟୀ ଫୁଡ୍ କୋର୍ଟ । ରୌପ୍ୟ ନଗରୀର ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ପ୍ରକଳ୍ପକୁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିଲା କିନ୍ତୁ ଏହି ପ୍ରକଳ୍ପକୁ ନେଇ ବର୍ତ୍ତମାନ ଜୋର୍ ଧରିଛି ରାଜନୀତି । ଦୋକାନ ଆବଣ୍ଟନକୁ ନେଇ କଟକ ମହାନଗର ନିଗମ ଏବଂ ସ୍ଥାନୀୟ ବିଧାୟିକାଙ୍କ ମଧ୍ୟରେ ଯୁଦ୍ଧଂଦେହି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ନିୟମାବଳୀ କେବଳ କିଛି ପ୍ରଭାବଶାଳୀ ଲୋକଙ୍କୁ ଫାଇଦା ପହଞ୍ଚାଇବା ପାଇଁ ହୋଇଥିବା ଅଭିଯୋଗ କରି ଦୋକାନ ବଣ୍ଟନ ପ୍ରକ୍ରିୟା ଉପରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ପ୍ରଶ୍ନ ଉଠାଇବା ସହ ଏହା ପଛରେ ମେୟର ସୁବାସ ସିଂଙ୍କ ମନ୍ଦ ଉଦ୍ଦେଶ୍ୟ ଥିବା କଥା ଅଭିଯୋଗ କରିଛନ୍ତି । ଏହା ସହ ଦୋକାନ ବଣ୍ଟନ ପାଇଁ ସିଏମ୍‌ସି ଜାରି କରିଥିବା ନିୟମାବଳୀ ବା ଏସ୍‌ଓପିକୁ ଚିରି ବିଧାୟିକା ପ୍ରତିବାଦ କରିଛନ୍ତି । ସେପଟେ ଯଦି କିଛି ତ୍ରୁଟି ଅଛି ସେ କୋର୍ଟକୁ ଯାଇପାରିବେ ଏବଂ ନିଜ ପଦବୀକୁ ନେଇ ଅନିଶ୍ଚିତତା ମଧ୍ୟରେ ଥିବାରୁ ବିଧାୟିକା ଏଭଳି ଅପ୍ରାସଙ୍ଗିକ ଆଚରଣ କରୁଛନ୍ତି ବୋଲି କହିଛନ୍ତି ମେୟର । ବାରବାଟୀ ଷ୍ଟାଡିୟମ୍ ପାର୍ଶ୍ୱରେ ଥିବା ଚାକଚକ୍ୟ ଫୁଡ୍ କୋର୍ଟ ଏବେ ରାଜନୈତିକ ରଣକ୍ଷେତ୍ର ପାଲଟିଛି । ଏକ ସାମ୍ବାଦିକ ସମ୍ମିଳନୀରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କଟକ ମହାନଗର ନିଗମର ପକ୍ଷପାତିତା ନୀତିକୁ କଡ଼ା ସମାଲୋଚନା କରିବା ସହ ପ୍ରତିବାଦ ସ୍ୱରୂପ ଫୁଡ୍ କୋର୍ଟ ପାଇଁ ପ୍ରସ୍ତୁତ ଏସ୍‌ଓପିକୁ ଚିରି ଏହାର ପ୍ରତିବାଦ ଦେଇଛନ୍ତି । ସୁବାସ ସିଂ କହିଛନ୍ତି, 'ଫୁଡ୍ କୋର୍ଟ ଆବଣ୍ଟନ ଜଣେ ସଚ୍ଚୋଟ ଆଇଏଏସ୍ ଅଫିସର ଏବଂ ଅବସର ପ୍ରାପ୍ତ ବିଚାରପତିଙ୍କୁ ନେଇ ଗଠିତ କମିଟି ଦ୍ୱାରା କରାଯାଉଛି । ଏଥିରେ କୌଣସି ଜନପ୍ରତିନିଧି ବା ମେୟରଙ୍କ ହସ୍ତକ୍ଷେପନାହିଁ । ସୋଫିଆ ଜଣେ ଶିକ୍ଷିତ ମହିଳା, କିନ୍ତୁ ସେ ହୁଏତ ଜାଣିନାହାନ୍ତି ଯେ କର୍ପୋରେସନ୍ ଅଞ୍ଚଳରେ ତାଙ୍କର କୌଣସି ଭୂମିକା ନାହିଁ । ସେ ବିଧାନସଭାର ବିଧାୟିକା, ସିଏମ୍‌ସିର ଅଧିକାରୀ ନୁହଁନ୍ତି ।' ମେୟର କହିଛନ୍ତି ଯେ, ଯଦି ପ୍ରକ୍ରିୟାରେ କିଛି ତ୍ରୁଟି ଅଛି, ତେବେ ବିଧାୟିକା କୋର୍ଟକୁ ଯାଇପାରିବେ । କିନ୍ତୁ ସରକାରୀ ଏସ୍‌ଓପିକୁ ଚିରିବା ଏକ ଗଣତାନ୍ତ୍ରିକ ପଦ୍ଧତି ନୁହେଁ । କେବଳ ସେତିକି ନୁହେଁ ସୁବାସ ସିଂ କହିଛନ୍ତି ଯେ ବିଧାୟିକା ହୁଏତ ନିଜ ପଦବୀକୁ ନେଇ ଅନିଶ୍ଚିତତା ମଧ୍ୟରେ ଅଛନ୍ତି, ସେଥିପାଇଁ ସେ ଏଭଳି ଅପ୍ରାସଙ୍ଗିକ ଆଚରଣ କରୁଛନ୍ତି । ଏହା ବ୍ୟତୀତ ସୋଫିଆ ଦୋକାନ ବଣ୍ଟନକୁ ନେଇ ନିଜର କୋଟା ପୂରଣ ନହେବାରୁ ଏହିଭଳି ଆଚରଣ କରୁଛନ୍ତି ବୋଲି କହିବା ସହ ସୋଫିଆ ସିଏମ୍‌ସିରୁ ବାର୍ଷିକ ୫ କୋଟି ଟଙ୍କାର ବିଲ୍ କରି ନିଜ ସମର୍ଥକଙ୍କୁ ପୋଷୁଥିବା ଭଳି ଅଭିଯୋଗ କରିଛନ୍ତି ସୁବାସ । ୩୮ଟି ଦୋକାନ ଆବଣ୍ଟନ ପାଇଁ ଆବେଦନ ଆମନ୍ତ୍ରଣ କରିଛି ନଗର ନିଗମ । ଆଗ୍ରହୀ ବ୍ୟବସାୟୀ ଏବଂ ସଂଗଠନଗୁଡ଼ିକ ୨୪ ଏପ୍ରିଲ ୨୦୨୬ ସନ୍ଧ୍ୟା ୫ଟା ସୁଦ୍ଧା ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ ।

## ପଲିଟେକ୍‌ନିକ୍ କଲେଜରେ ଉତ୍ତେଜନା

# ଅଧ୍ୟକ୍ଷଙ୍କ ବଦଳି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ସ୍ଥିତ ସରକାରୀ ପଲିଟେକ୍‌ନିକ୍‌ର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଥିଲେ । ସେମାନେ ପଲିଟେକ୍‌ନିକ୍ କ୍ୟାମ୍ପସ ଠାରୁ ପ୍ରିନ୍ସିପାଲଙ୍କ ବିରୁଦ୍ଧରେ ନାରାବାଜି କରିବା ସହ ପ୍ରାୟ ୪ କିଲୋମିଟର ଦୂର ଚାଲି ଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପରେ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଦାବି ଜଣାଇବା ସହ ଆଜିହିଁ ଅଧ୍ୟକ୍ଷଙ୍କୁ ବଦଳି କରିବାକୁ ଜିଦ୍ ଧରି ବସିପଡ଼ିଥିବା ବେଳେ ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ସୋମ୍ୟାରୁପା ରଥ, ଏସ୍‌ପି ନାରାୟଣ ନାୟକ ଏବଂ ଏସ୍‌ଡିପିଓ କଲ୍ୟାଣୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହ ଆମଦ୍ୱାରା ଯାହା ସମ୍ଭବ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସୂଚନା ଯୋଗ୍ୟ ଯେ ବୁଧବାର ଦିନ ପଲିଟେକ୍‌ନିକ୍ କ୍ୟାମ୍ପସ୍ ଠାରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ହୋହାଲ୍ଲା କରିଥିଲେ । ପ୍ରିନ୍ସିପାଲ୍ ହାଏ ହାଏ... ପ୍ରିନ୍ସିପାଲ୍ ଗୋ ବ୍ୟାକ୍... ନାରାରେ କମ୍ପିଥିଲା କ୍ୟାମ୍ପସ୍ । ହଷ୍ଟେଲ୍‌ରେ ଅବ୍ୟବସ୍ଥାକୁ ନେଇ ଛାତ୍ରୀ ଓ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ଦାୟୀ କରିଛନ୍ତି । ଅଧ୍ୟକ୍ଷଙ୍କ ମାତ୍ରାଧିକ ମନମାନୀ ଯୋଗୁଁ ଅଶାନ୍ତ ହୋଇପଡ଼ିଛି ଏହି ଶିକ୍ଷାନୁଷ୍ଠାନ । ସେମାନଙ୍କ ଅଭିଯୋଗ ଅନୁସାରେ ହଷ୍ଟେଲ୍‌ରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରୁଥିବା ନେଇ ଅନେକ ଥର ଅଭିଯୋଗ ହୋଇଥିଲା । ଏହାକୁ କେହି କର୍ଣ୍ଣପାତ କରୁନଥିଲା ବେଳେ ଓଲଟା ବାହାର ଜିଲ୍ଲାରୁ ଆସି ରହୁଥିବା କିଛି ଛାତ୍ର ଏହା ତୁମ ମୁଣ୍ଡର ଉକୁଣୀ ହୋଇଥିବ ଆହୁରି ଅନେକ ଅଶ୍ଳୀଳ କଥା କହି କମେଣ୍ଟ କରି କହୁଛନ୍ତି । ଏଥିସହ ରାତି ଅଧରେ ଚେକିଂ ନାମରେ ଛାତ୍ରୀଙ୍କ ରୁମ୍ ଭିତରକୁ ଅଧ୍ୟକ୍ଷ ତଥା ପୁରୁଷ କର୍ମଚାରୀମାନେ ପ୍ରବେଶ କରୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି । ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଥିଲା । ଏହି ଘଟଣାକୁ ନେଇ ଅଭିଭାବକମାନେ କଲେଜକୁ ଆସି ଛାତ୍ରଛାତ୍ରୀଙ୍କ ସହିତ ଦେଖା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ କଲେଜ କର୍ତ୍ତୃପକ୍ଷ କଲେଜ ମୁଖ୍ୟଗେଟ୍‌କୁ ତାଲା ପକାଇ ଦେବାରୁ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା । ହଷ୍ଟେଲ୍‌ରେ ଛାତ୍ରୀଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା ସଠିକ୍ ଭାବେ ଦିଆଯାଉନଥିବା ଓ ଅଧ୍ୟକ୍ଷ ସେଠାରେ ଖାଦ୍ୟ ମେସ୍‌ର ଦାୟିତ୍ୱ ନେଇଥିବା ବ୍ୟକ୍ତିଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ସୋନପୁର ସଦର ଥାନା ଅଧିକାରୀ ଯାଦବ ବାଗ ପହଞ୍ଚି ଉତ୍ୟକ୍ତ ଛାତ୍ରଛାତ୍ରୀ ମାନଙ୍କୁ ବୁଝସୁଝା କରୁଥିବା ଦେଖିବାକୁ ମିଳିଥିଲା । ଏହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ । ଏନେଇ ଅଧ୍ୟକ୍ଷଙ୍କୁ ପଚରାଯିବାରୁ ସବୁ ଅଭିଯୋଗ ଭିତ୍ତିହୀନ ତଥା ମିଛ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ଛାତ୍ରଛାତ୍ରୀଙ୍କ ସମସ୍ୟା ବୁଝୁଥିବା ତଥା ସେବା ଶୁଶ୍ରୁଷା କରୁଥିବା ପୁରୁଣା ୱାର୍ଡେନଙ୍କୁ କଲେଜରୁ ତଡି ଦିଆଯାଇଥିବା ବେଳେ ତାଙ୍କୁ ପୁନଃ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀ ଦାବି କରିଛନ୍ତି । ସେପଟେ ଅଧ୍ୟକ୍ଷଙ୍କ ବଦଳି ନହେବା ଯାଏ ଆଗକୁ ଆହୁରି ଆନ୍ଦୋଳନ ତୀବ୍ର ହେବ ଅଭିଭାବକ ସଂଘ କହିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୦୪।୨୦୨୬, ବୈଶାଖ ଦି୬ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୫୯ ଚନ୍ଦ୍ରୋଦୟ- ପ୍ରାଘ ୬।୨୩।୨୧**

ଦ୍ୱିତୀୟା ଦିଘ ୧୦।୫୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର ପ୍ରାଘ ୭।୧୧ ଗତେ କୃତ୍ତିକା ନକ୍ଷତ୍ର କ୍ଷୟ, **ମେଷ ଚନ୍ଦ୍ର-** ଦିଘ ୧୨।୩୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । ଦିଘ ୧୨।୩୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୧୨।୩୩ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ଦିଘ ୧୦।୫୧ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୩୦ ଗତେ ଦିଘ ୯।୪୧ ମଧ୍ୟେ । ଦିଘ ୧।୨୨ ଗତେ ଦିଘ ୧।୫୩ ମଧ୍ୟେ । **ପର୍ବୋତ୍ସବ-** ପର୍ଶୁରାମ ଜୟନ୍ତୀ ।



**ମେଷ:** ଆଜି ଆପଣଙ୍କର ଦିନଟି ସେତେ ଆନନ୍ଦଦାୟକ ହେବନାହିଁ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ବିଶୃଙ୍ଖଳା ସୃଷ୍ଟି ହେବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ ।



**ମିଥୁନ:** ଚାକିରୀ କ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ । ସାଙ୍ଗଙ୍କ ସହଯୋଗ ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । କଚେରି ମାମଲାରେ ଶୁଣାଣି ନିଜ ସପକ୍ଷରେ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।



**କର୍କଟ:** ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦୂରଯାତ୍ରା ଆପଣଙ୍କର ସଫଳ ହେବ । ଆୟର ପରିମାଣ ବଢ଼ିବ । ଯାନବାହାନ କ୍ରୟ କରିପାରନ୍ତି । ମନ ଭଲ ରହିବ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁବାନ୍ଧବଙ୍କ ସତ୍‌ସଙ୍ଗ ଲାଭ ହେବ । ରୋଜଗାର ସ୍ଥିର ରହିବ । ପାରିବାରିକ ଜୀବନ ଆନନ୍ଦଦାୟକ ହେବାର ସୂଚନା । ଶୁଭ ଖବର ପ୍ରାପ୍ତ ହେବ ।



**କନ୍ୟା:** ଶାରୀରିକ ପୀଡ଼ା ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମାନସିକ ଅଶାନ୍ତି ଦେଖାଦେବ । ବେପାର ବାଣିଜ୍ୟ କ୍ଷେତ୍ରରେ କିଛି କାର୍ଯ୍ୟ ଆପଣଙ୍କର ବାକି ରହିବାର ସମ୍ଭାବନା ।



**ତୁଳା:** ଅଟକି ରହିଥିବା କାର୍ଯ୍ୟକୁ ଆପଣ ଜୋର୍ ଦେଇ ସମ୍ପାଦନ କରିବେ । ସବୁ ଦିଗରୁ ଆପଣଙ୍କୁ ସଫଳତା ମିଳିବ । ରୋଜଗାରର ପରିମାଣ ବଢ଼ିବ । ପାରିବାରିକ ସୁଖ ସମ୍ଭୋଗ ପ୍ରାପ୍ତ ହେବ ।



**ବିଛା:** ଆଜି ଆପଣଙ୍କର ରାଗର ପରିମାଣ ବଢ଼ିବ । ଏଣୁ ନିଜ ଉପରେ କଣ୍ଟ୍ରୋଲ୍ ରହିବନାହିଁ । ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ରହିବ ।



**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆଲୋଚନା ଓ ପ୍ରତ୍ୟାଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ । ଦୂରଯାତ୍ରା ଆପଣଙ୍କର ସଫଳ ହେବ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । ଶତ୍ରୁ ନାଶ ହେବ ।



**ମକର:** କାର୍ଯ୍ୟକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ । ଆଜି ଆପଣଙ୍କର ଆୟ ବଢ଼ିବ । ପାରିବାରିକ ଶାନ୍ତି ବଜାୟ ରହିବ । ମାଲିମୋକଦ୍ଦମାରେ ଶୁଣାଣି ଭଲ ହେବ । ସୌଖିନ୍ୟ ଦ୍ରବ୍ୟ କ୍ରୟ କରିବେ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଦେବ ଦର୍ଶନ ସାଙ୍ଗଙ୍କୁ ସେବା ପୂଜାରେ ମଧ ସୁଯୋଗ ସୃଷ୍ଟି ହେବ । ପାରିବାରିକ ସୁଖ ଲାଭ ହେବ ।



**ମୀନ:** ସ୍ୱାଧୀନତା ରହିବାନାହିଁ । ପରାଧୀନତା ଜୀବନ ଯାପନ କରିବେ । ସତ କଥା କହି ଅନ୍ୟମାନଙ୍କ ପାଖରେ ବିରୋଧି ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରୋଇ ଜୀବନ ଆନନ୍ଦ ଦାୟକ ହେବ ।

# ଟ୍ରେନ୍ ଲାଇନ୍‌ରେ କଟି ଶ୍ରମିକ ମୃତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଞ୍ଚାୟତ ଖମରପଡା ଗ୍ରାମର ଗଗନ ମଳିକ ଅପରାହ୍ନ ସମୟରେ ବିଲକୁ ମୁଗ ଉପାଡିବା ପାଇଁ ରେଲ ଲାଇନ୍ ପାର୍ କରି ଯାଉଥିବା ସମୟରେ ରେଲ ଦୁର୍ଘଟଣାରେ ସେ ପ୍ରାଣ ହରାଇଛନ୍ତି । ତାଙ୍କ ମୁଣ୍ଡରେ ଜୋର୍ ଆଘାତ ଲାଗିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ସ୍ଥାନୀୟ ପୋଲିସ୍ ଓ ରେଳ ବିଭାଗ ପୋଲିସ ସହାୟତାରେ ତାଙ୍କ ଶବ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୪।୨୦୨୬, ବୈଶାଖ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୨୮।୧୪ ଚନ୍ଦ୍ରୋଦୟ- ପ୍ରାଘ ୭।୨୯।୩୦**

ତୃତୀୟା ପ୍ରାଘ ୭।୨୮ ଗତେ ଚତୁର୍ଥୀ କ୍ଷୟ । ରୋହିଣୀ ନକ୍ଷତ୍ର ରାଘ ୨।୧୧ ପର୍ଯ୍ୟନ୍ତ, **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ପ୍ରାଘ ୭।୨୮ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୭।୦୫ ମଧ୍ୟେ । ଦିଘ ୧୦।୩୨ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ଅକ୍ଷୟ ତୃତୀୟା, ରଥ କାଠ ଅନୁକୂଳ, ଚନ୍ଦନଯାତ୍ରା ଆରମ୍ଭ, ରେବତୀ ବିବାହ ଉତ୍ସବ, ବିନାୟକ ଚତୁର୍ଥୀ ।

32 YEARS
ସମ୍ବାଦ କଳିକା

# ଲିଭୁଛି ପୁରୁଣା ସନ୍ତକ

ପୁରୀରେ ବିକାଶ ନାଁରେ ଭଙ୍ଗାଚାଲିଛି ପୁରୁଣା ଐତିହ୍ୟ ଗୁଡିକୁ ଯେଉଁଥିପାଇଁ ଜନଅସନ୍ତୋଷ ବଢିଚାଲିଛି । କାହିଁ କେଉଁ କାଳରୁ ପୁରୀରେ ଗଢ଼ି ଉଠିଛି ଅନେକ ମଠ, ମନ୍ଦିର, ଆଶ୍ରମ, ଧର୍ମଶାଳାଠାରୁ ଆରମ୍ଭ କରି ଅନେକ କୀର୍ତ୍ତିରାଜି । ହଜାର ହଜାର ବର୍ଷ ଧରି କଳା, ସଂସ୍କୃତି, ସ୍ଥାପତ୍ୟକୁ ଜାବୁଡ଼ି ଧରିଛି ଏହି ମାଟି । ହେଲେ ସମୟ ସୁଅରେ ଅନେକ କିଛି ଐତିହ୍ୟ ପୃଷ୍ଠାରୁ ଲିଭିଯାଇଛି । କିଛି ଐତିହ୍ୟକୁ ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି । ସମୟ ସହିତ ଲଢ଼େଇ କରି ବଞ୍ଚି ରହିଥିବା ଆଉ କିଛି ଐତିହ୍ୟ ଶେଷ ନିଃଶ୍ୱାସ ନେଉଛି । ପୂର୍ବପିଢ଼ିଙ୍କର ଏହି ଶେଷ ସନ୍ତକକୁ ସାଇତି ନ ରଖିଲେ ଏହି ଐତିହ୍ୟ କୀର୍ତ୍ତି ମଧ୍ୟ ଖୁବଶୀଘ୍ର ଧ୍ୱଂସାବଶେଷର ରୂପ ନେଇଯିବ । ଏଣୁ ବେଳ ହୁଁ ସାବଧାନ ହୋଇ ଐତିହ୍ୟର ସଂରକ୍ଷଣ ପାଇଁ ଐତିହ୍ୟ ଦିବସ ଉପଲକ୍ଷେ ଐତିହ୍ୟ ପ୍ରେମୀମାନେ ଆହ୍ୱାନ ଦେଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ପୁରୀରୁ ଅନେକ ଐତିହ୍ୟ କୀର୍ତ୍ତି ଲୋପ ପାଇଛି । ଏଥିମଧ୍ୟରେ ଅନେକ ପୁରାତନ ଐତିହ୍ୟ କୋଠା ମଧ୍ୟ ରହିଛି । ସେଥିମଧ୍ୟରୁ ଅନ୍ୟତମ ହେଉଛି ମୋତିଲାଲ ମୋହନଲାଲ କୋଠାରୀ ଧର୍ମଶାଳା । ପାଖାପାଖି ୧୦୦ ବର୍ଷ ପୁରୁଣା ଏହି ଐତିହ୍ୟ କୀର୍ତ୍ତି ପୂର୍ଣ୍ଣ କୋଠାକୁ ଶ୍ରୀଦାଣ୍ଡ ନିର୍ମାଣ ସମୟରେ ଭଙ୍ଗା ଯାଇଥିଲା। ସେହିଭଳି ଦୋଳମଣ୍ଡପ ସାହିରେ ଥିବା ଐତିହ୍ୟ ଖେମକା ଧର୍ମଶାଳାକୁ ମଧ୍ୟ ଭଙ୍ଗାଯାଇ ସେଠାରେ ଲଜ୍ ନିର୍ମାଣ କରାଯାଇଛି । ପୁରୀ ବଡ଼ଦାଣ୍ଡରେ ଥିବା ଖ୍ୟାତିପୂର୍ଣ୍ଣ ବଗଲା ଧର୍ମଶାଳାକୁ ମଧ୍ୟ ଭଙ୍ଗାଯାଇଛି । ଏହି ଐତିହ୍ୟପୂର୍ଣ୍ଣ ଧର୍ମଶାଳାକୁ ପ୍ରଭାବଶାଳୀ ତଥା ବିତ୍ତଶାଳୀ ବ୍ୟକ୍ତିତ୍ୱମାନେ ଶ୍ରଦ୍ଧାଳୁଙ୍କ ସୁଲଭ ରହଣି ପାଇଁ ନିର୍ମାଣ କରିଥିଲେ । ଏସବୁ ଭାଙ୍ଗିଯିବା ଦ୍ୱାରା ଗରିବ ତଥା ଆର୍ଥିକ ଅନୁନ୍ନତ ବ୍ୟକ୍ତିମାନେ ପୁରୀରେ ଆସିଲେ ରହିବାକୁ ସମସ୍ୟା ଭୋଗିବା ସହ ଅନେକ ଐତିହ୍ୟ ମଧ୍ୟ ଲୋପ ପାଉଛି । ଏବେ ପୁରୀରେ ହାତଗଣତି କିଛି ଧର୍ମଶାଳା ଶେଷ ନିଃଶ୍ୱାସ ନେଉଛନ୍ତି । ସେଥିମଧ୍ୟରେ ରହିଛି ତୋଲାରାମ ସୁଜନ ମଲ୍ ବାଗେଡ଼ିଆ ଧର୍ମଶାଳା । ଯାହା ଲୋକ ଉକ୍ତିରେ ବାଗେଡ଼ିଆ ଧର୍ମଶାଳା ଭାବେ ପରିଚିତ । ସେହିଭଳି ଅନ୍ୟ ଐତିହ୍ୟପୂର୍ଣ୍ଣ ଧର୍ମଶାଳା ହେଉଛି ଡୁଡୁୱାଲା ଧର୍ମଶାଳା ଓ ରାମଚନ୍ଦ୍ର ଗୋଏଙ୍କା ଧର୍ମଶାଳା । ଏହି ୩ ଧର୍ମଶାଳା ଏବେ ରହିଛି । ହେଲେ ଏହାର ରକ୍ଷଣାବେକ୍ଷଣ ସେଭଳି ହେଉନାହିଁ । ଏହି ସମସ୍ତ ଧର୍ମଶାଳାର ବୟସ ଶହେ ବର୍ଷ ପାଖାପଖି ହେବ । ଏଣୁ ରକ୍ଷଣାବେକ୍ଷଣ କରାନଗଲେ ଏହା ଖୁବଶୀଘ୍ର ବିଲୋପ ପାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ପୁରୀରେ ଥିବା ଏକମାତ୍ର ଯାତ୍ରୀ କୋଠା ମଧ୍ୟ ଏବେ ରୁଗ୍ଣ ଓ ଭଗ୍ନ ଅବସ୍ଥାରେ ରହିଛି । ଚୁଡ଼ାପଟି ଗଳି ଶେଷରେ ଥିବା 'ବ୍ରଜବାସୀ ଯାତ୍ରୀ କୋଠା'ରେ ଗଛଲଟା ମାଡ଼ି ରହିବା ସହ ଏହା ଭିତରେ କୁଢ଼କୁଢ଼ ଆବର୍ଜନା ଜମି ରହିଛି । ଏହି ଯାତ୍ରୀ କୋଠାର ନିର୍ମାଣ ଶୈଳୀ ମଧ୍ୟ କୀର୍ତ୍ତିପୂର୍ଣ୍ଣ । ପ୍ରଶାସନ ପକ୍ଷରୁ ଏହାକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଛି। ଏଣୁ ଏସବୁର ରକ୍ଷଣାବେକ୍ଷଣ କରାଗଲେ ପୁରୀରେ ହେରିଟେଜ୍ ଟୁରିଜିମ୍‌ବା ଐତିହ୍ୟ ପର୍ଯ୍ୟଟନର ମଧ୍ୟ ବିକାଶ ହୋଇପାରନ୍ତା ବୋଲି ଐତିହ୍ୟ ଉତ୍ସାହୀ ଅଶୋକା ମଞ୍ଜରୀ ନାୟକ କହିଛନ୍ତି । ସେ କହିଛନ୍ତି, ପୁରୀର ପ୍ରତ୍ୟେକ ସ୍ଥାନରେ ଐତିହ୍ୟ ରହିଛି । ହେଲେ ଏସବୁ ଅଧିକାଂଶ ସମୟରେ ପର୍ଯ୍ୟଟକଙ୍କ ନଜରକୁ ଆସିପାରେନି କାହିଁକି ନା ଏହାର ରକ୍ଷଣାବେକ୍ଷଣ କିମ୍ବା ପ୍ରଚାର ପ୍ରସାର ହୁଏନାହିଁ । ଏବେ ଯେଉଁ ହାତଗଣତି କିଛି ଐତିହ୍ୟ କୋଠାଗୁଡ଼ିକ ଅଛି, ସେଥିରୁ କିଛି ବ୍ୟକ୍ତିଗତ ହୋଇଥିବା ବେଳେ କିଛି ମଠ, ମନ୍ଦିର, ରାଜପରିବାର କିମ୍ବା ଏଣ୍ଡାଓମେଣ୍ଟ ଅଧୀନରେ ଅଛି । ବ୍ୟକ୍ତିଗତ କୋଠା ଥିବା ପରିବାରମାନେ ହୁଏତ ସ୍ୱଚ୍ଛଳତା ନଥିବାରୁ ମରାମତି କରିପାରୁନାହାନ୍ତି । ଏଣୁ ସେମାନଙ୍କୁ ସାହାଯ୍ୟ ମିଳିଲେ ସେମାନେ ମରାମତି କରିପାରନ୍ତେ । ପିପିପି ମୋଡ୍‌ରେ ସରକାର ଏହାର ରକ୍ଷଣାବେକ୍ଷଣ କରି ଏଠାରେ ପର୍ଯ୍ୟଟନ ବିକାଶ କରିପାରନ୍ତେ । ସେହିଭଳି ସାର୍ବଜନୀନ ଐତିହ୍ୟ କୋଠାଗୁଡ଼ିକରେ ସରକାରଙ୍କ ପକ୍ଷରୁ ପୁନଃନିର୍ମାଣ କରାଯିବା ଆବଶ୍ୟକ । ଏହାଦ୍ୱାରା ଏହାର ପ୍ରଚାର ପ୍ରସାର ହୋଇପାରିବ ବୋଲି ସେ କହିଛନ୍ତି ।।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ



### ଆଧୁନିକତା

ଆଉ ତ ନାହିଁ ଭାଗବତ ଟୁଙ୍ଗି
ଗ୍ରାମ ଦେବୀ ଜନ୍ତାଳ
ଯେଉଁଠି ଦେଖିବ
କ୍ଲବ ଘର
ମଦ ବୋତଲ
କୁକୁଡ଼ା ଅଣ୍ଡା ଝୋଳ ।
ଆଉ ନାହିଁ ହରିବୋଲ
ସବୁଠି ଖାଲି
ହାଏ, ବାଏ ହରତାଳ
ଆଉ ନାହିଁ ତାଳ-ପତ୍ର-ଖେଦା
ଝିଙ୍କ-କାଠି ଲେଖନୀ
ଦୁଆତ କାଠିକଲମ
କମ୍ପ୍ୟୁଟର ଯୁଗ
କମ୍ପ୍ୟୁଟର ସବୁ କରିଦେବ ।
ଆଉତ ନାହିଁ ଗାଁ ମଜଲିସ
ଡକ୍ଟର ହରେକୃଷ୍ଣ ମହତାବ ମୁଣ୍ଡ
ବ୍ରିଟିଶ ଶାସନ ହୁକୁମ
ସବୁ ସ୍ୱେଚ୍ଛାସେବୀ
ସେବକ, ଭାବୁକ, ପ୍ରେମିକ, ରାଜନୀତିଜ୍ଞ, ଐତିହାସିକ
ବୈଜ୍ଞାନିକ, ଗାଣିତିକ
ନା-ସାରୁ, ଭିତରେ ମାରୁ ।
କୁମ୍ଭୀର ପଛେ ମଜିନଇକି ନେଲାଣି
କଣ ନା
କମ୍ପ୍ୟୁଟର ଯୁଗ
ପ୍ରଗତିଶୀଳ
ନିଜ କାତସିନ୍ଦୁର ପର ଘରେ ଥୋଇ
ବିଧବା ଭଡ଼ା ନେଲାପରି
ଏ ଯୁଗ ପ୍ରଗତି, ସେବା ପଛେ ନଥାଉ
କାର୍ବାଇଟ୍ ଦିଆ କଦଳୀ ପରି
ମଧୁର ସ୍ଲୋଗାନ୍ ।
........

# ବୈଚିତ୍ର୍ୟମୟ ବିଜୁ ପଟ୍ଟନାୟକ



ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଗଣତନ୍ତ୍ରର ସେ ଥିଲେ ଗଣ୍ୟମାନ୍ୟ ରଣହୁଂକାରୀ ରାଜନେତା । ଜନତାର ଜୟଜୟକାର ଥିଲା ତାଙ୍କ ତୁଙ୍ଗ ରାଜନୈତିକ ସଂଗ୍ରାମୀ ଜୀବନର ସଂକଳ୍ପବଦ୍ଧ ସ୍ୱର । ସେ ସ୍ୱର ସବୁଠି ସ୍ପଷ୍ଟ, ଶାଣିତ, ସାହସିକ, ସାଗ୍ନିକ । ଅନେକେ ଆକ୍ଷେପ କରନ୍ତି କେବେକେବେ କହୁକହୁ ସେ ଶାଳୀନତାର ସୀମାସରହଦ ଭୁଲିଯାଇ ସହରୀ ସଂସ୍କାରଗ୍ରସ୍ତ ସଭାଜନମାନଙ୍କୁ ଶୁଣାଇଯାଆନ୍ତି ବିକଟ ସିଂହନାଦ ! ମାତ୍ର ଏଇ ତ ଥିଲା ବୈଚିତ୍ର୍ୟମୟ ବିଜୁ ପଟ୍ଟନାୟକଙ୍କର ନିଜସ୍ୱ ନିର୍ଭୀକ ବ୍ୟକ୍ତିତ୍ୱର ଅକପଟ ଅଭିବ୍ୟକ୍ତି ! ସେ ପଛରେ ରହି ପ୍ରତିପକ୍ଷ ପ୍ରତିନିଧିବର୍ଗକୁ ଗଛରେ ଟଙ୍ଗାଇଦେବାକୁ କେବେ ମନ୍ତ୍ରଣା କରିନାହାନ୍ତି ମିତ୍ରପକ୍ଷ ସହିତ । ବରଂ ପସନ୍ଦ କରିଆସିଛନ୍ତି ସାମ୍ନାସାମ୍ନି ଜବରଦସ୍ତ ଜୋରପ୍ରଦର୍ଶନରେ, ବେଳେବେଳେ ଉତ୍ତୋଳନ କରିଛନ୍ତି ମୁଷ୍ଟି, ବନ୍ଧୁକର ଗୁଳି ପରି ମୁହଁରୁ ଛୁଟାଇଛନ୍ତି ଗାଳିଗର୍ଜନ । ମାତ୍ର ସାଧାରଣ ମଣିଷ ପାଇଁ ସେ ସର୍ବାଧିକ ପ୍ରିୟନେତା ପାଲଟିପାରିଛନ୍ତି ତାଙ୍କ ସମୟରେ । ତାଙ୍କୁ ଶଙ୍କିରହୁଥିବା ଶତ୍ରୁ ବି ତାରିଫ୍ କରିଥାଏ ତାଙ୍କ ବାଙ୍କିନଥିବା ବ୍ୟକ୍ତିତ୍ୱର ଏଇ ବିସ୍ମୟକର ବିଶାଳତାକୁ ... ସମକାଳୀନ ତରୁଣତର ପିଢ଼ି ତ କେବେହେଲେ ପାଶୋରିପାରନ୍ତି ନାହିଁ ତାଙ୍କ ରୋକଠୋକ୍ ରାଜନୀତିକ ଦୁଃସାହସିକତାର ଦୁର୍ଦ୍ଦମନୀୟ ଦିଗଟାକୁ ! ଓଡ଼ିଶା ପାଇଁ ଭାରତର ବଡ଼ବଡ଼ ମୁଣ୍ଡିଆଳଙ୍କୁ ବି ମୁହେଁମୁହେଁ ଜବାବ୍ ଦେଇଛନ୍ତି ସେ । ଏକ ଅବିଜିତ ଅଗ୍ନିପଥିକର ଅନ୍ୟନାମ – ବିଜୁ ପଟ୍ଟନାୟକ । ଏକ ସ୍ୱାଭିମାନୀ ସ୍ୱରଲହରର ସଂବୋଧନ – ବିଜୁ ପଟ୍ଟନାୟକ । ଏକ ସ୍ପର୍ଦ୍ଧିତ ପୌରୁଷର ସ୍ପନ୍ଦନପ୍ରବଣ ପରିଚିତି – ବିଜୁ ପଟ୍ଟନାୟକ। ଅଥଚ ବାହ୍ୟତଃ କଠୋର ମନେହେଉଥିବା ଏଇ ବୀରତ୍ୱପୂର୍ଣ୍ଣ ଜନନେତା ଯେ ଅନ୍ତର୍ଗତ ଚରିତ୍ରରେ କେତେ କୋମଳ, ସେ ସତ୍ୟ ବି ନ ଜାଣିଛି କିଏ ? ସେଥିପାଇଁ ସେ ଯେତେବେଳେ ଶେଷଯାତ୍ରାରେ ମହାପଥିକ, ସେତେବେଳେ ତାଙ୍କ ଶବଯାତ୍ରା ତ ଥିଲା ଜନସ୍ରୋତର ଉତ୍ତାଳ ଶୋଭାଯାତ୍ରା – ମହାସମୁଦ୍ରଲହରୀ ପରି ଅସମ୍ଭବ ଅସମ୍ଭାଳ ! କେନ୍ଦ୍ର ଓ ରାଜ୍ୟସ୍ତରର ମହାଦ୍ରୁମମାନେ କାହିଁକି, ଏ ମାଟିର ଦୂବଘାସ ବି ତାଙ୍କ ଶେଷବିଦାୟରେ ଥିଲେ ବ୍ୟଥାପ୍ଳୁତ ।

ରାଜନୀତିର ରଂଗିନ୍ ରୂପକାର ସେ। ଦୁର୍ନାମର ଧୂଳିଝଡ଼କୁ ବେଖାତିର କରି ସେ ଆମ ଅନ୍ଧଦିଗନ୍ତରେ ଆଙ୍କିଦେଇଛନ୍ତି ଇତିହାସର ଉଜ୍ଜ୍ୱଳ ଆଭାସଚିତ୍ର। କଳିଙ୍ଗ, ଖାରବେଳରୁ ଆରମ୍ଭ କରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଐତିହ୍ୟର ଉଦାହରଣମୟ ଉଦ୍‌ବୋଧନ ଥିଲା ତାଙ୍କ ଭବିଷ୍ୟତର ଭୂକଳ୍ପକୁ ରୂପଦେବା ଉଦ୍ଦେଶ୍ୟରେ ନବଜାଗରଣର ନାନ୍ଦୀପାଠ ଏବଂ ଆଧୁନିକ ଓଡ଼ିଆ ମହାଜାତିକୁ ଏକ ଅଂଗୀକାରବଦ୍ଧ ଅସ୍ମିତା-ଆନ୍ଦୋଳନରେ ଅନୁପ୍ରେରିତ କରିବା ନିମନ୍ତେ ଏକାନ୍ତ ଅଭିପ୍ରେତ। ନାନା ଜନାଭିମୁଖୀ ଯୋଜନାରୁ ଆରମ୍ଭକରି ଜନମତରେ ଶେଷକୁ ଜଗନ୍ନାଥ ପର୍ଯ୍ୟନ୍ତ ପରିଭାଷାର ଫର୍ଦ୍ଦପାଠ ହୁଏତ ତାଙ୍କ ରାଜନୀତିର ରଚନାବୃତି, କିନ୍ତୁ ଶିଳ୍ପ-ବିଜ୍ଞାନ-ବାସ୍ତବତାକୁ ଭିତ୍ତି କରି ଏକ ଅତୁଳନୀୟ ଓଡ଼ିଶାର ପୁନଃନିର୍ମାଣ ତାଙ୍କ ଶିରାପ୍ରଶିରାର ଶପଥପାଠ। ପ୍ରତିମୂର୍ତ୍ତିରେ ନୁହେଁ, ଭାବମୂର୍ତ୍ତିରେ ସେ ଭାସ୍ୱର। ସ୍ୱପ୍ନ ଓ ସମ୍ଭାବନାର ସମନ୍ୱୟୀ ସେତୁନିର୍ମାତା ସେ। ଚିରଉନ୍ନତଶିର ବୀରଉତ୍କଳୀ ଭାବରେ ସର୍ବଭାରତୀୟ ମାନ୍ୟତାପ୍ରାପ୍ତ ମର୍ଯ୍ୟାଦାପୁରୁଷ। ସାହସ, ସ୍ୱାଭିମାନ, ସାମ୍ମୁଖ୍ୟ – ଏଇ ତିନୋଟି ତାଙ୍କ ବୈଚିତ୍ର୍ୟମୟ ବ୍ୟକ୍ତିତ୍ୱର ବୀଜମନ୍ତ୍ର, ଯେଉଁ ତିନୋଟିକୁ ନେଇ ଗଢ଼ିଉଠିଛି ଗୋଟିଏ ବିକଳ୍ପହୀନ ବିଜୁତ୍ୱ ! ଆଜି ତାଙ୍କ ସହିତ ବିଗତ ଦିନର କେତୋଟି ବିରଳ ସ୍ମୃତିର ଏ ସଂକ୍ଷିପ୍ତ ସାଲତମାମି ...ମାୟାଧର ! ଟଙ୍କା କୋଉଠୁ ଆସିବ ? ଏମାନେ ସବୁ ଖାଇଦେଇ ଓଡ଼ିଶାକୁ ଋଣରେ ବୁଡ଼ାଇ ଦେଇଛନ୍ତି। ମୁଁ କହିଲି – ଟଙ୍କା ମାଟି ତଳେ ପୋତା ହୋଇଛି। ଖୋଳନ୍ତୁ – ବିକନ୍ତୁ – କାରଖାନା କରନ୍ତୁ – ଓଡ଼ିଶା ଭାରତର ଏକନମ୍ବର ଧନୀରାଜ୍ୟରେ ପରିଣତ ହେବ। ସେ କହିଲେ– ହେ ! ଖୋଲିକି କହୁନୁ। ମୁଁ କହିଲି – ଓଡ଼ିଶାରେ କ'ଣ ନାହିଁ ? ରତ୍ନଗର୍ଭା ଓଡ଼ିଶା। ଯାହାର ମାଟି ତଳେ, ପଥର ତଳେ କ୍ରୋମାଇଟ, କୋଇଲା, ମାଙ୍ଗାନିଜ, ବକ୍ସାଇଟ, ହୀରା, ମୋତି, ମାଣିକ, ସୁନା, ଜେମ୍‌ସ୍ ଷ୍ଟୋନ ୨୩ ପ୍ରକାର ମହାର୍ଘ ଧାତୁ ପ୍ରକୃତି ସାଇତି ରଖିଛି। ଆପଣ ଯଦି ଏସବୁ ଖଣିଜସଂପଦକୁ ଏକ୍ସ୍‌ପୋର୍ଟ ନକରି ଆମ ରାଜ୍ୟରେ ମୂଲ୍ୟଯୁକ୍ତ କାରଖାନା ଜରିଆରେ ବିନିଯୋଗ କରିପାରନ୍ତେ – ତା'ହେଲେ ଓଡ଼ିଶା ହସିଉଠନ୍ତା। ଆପଣଙ୍କ ସ୍ୱପ୍ନର ଓଡ଼ିଶା ସ୍ୱପ୍ନ ସଫଳ ହୁଅନ୍ତା। ସେ କହିଲେ – ରପ୍ତାନୀ ବନ୍ଦ କରିବା ? ଏହା କ'ଣ ସମ୍ଭବ ? ମୁଁ କହିଲି – ଅସମ୍ଭବ ଆଶାକୁ ହାତ ବଢ଼ଉଥିବାର ମଣିଷ ଆପଣ। ଖାଲି ଗୋଟିଏ ଗାରରେ, ସେଇ ଗୋଟିଏ ଦସ୍ତଖତରେ କୋଟିଏ ଚାକିରି। ଦେଖିବେ ଓଡ଼ିଶା ଆଉ ବିଶ୍ୱଦରବାରରେ 'ଗରିବ ରାଜ୍ୟ' ବୋଲି ଚିହ୍ନବର୍ଣ୍ଣ ରହିବ ନାହିଁ। ସେ କହିଲେ – ଠିକ୍ କହୁଛୁ। ଦେଖିବା ! ଯିଏ ମୋତେ ଏସବୁ କଥା କହୁଥିଲେ – ସେ କେବଳ ଓଡ଼ିଶାର ତୁଙ୍ଗ ରାଜନେତା ନୁହଁନ୍ତି – ଦେଶ ତଥା ବିଦେଶରେ ଖ୍ୟାତନାମା ବୈଚିତ୍ର୍ୟମୟ ବିଜୁ ପଟ୍ଟନାୟକ। ଏସବୁ କଥା ମୋତେ– ୧୯୯୦ ମସିହାରେ ବିଜୁବାବୁ ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କଲେ – ସେକ୍ରେଟାରୀଏଟ୍‌କୁ ଡକାଇ କହିଥିଲେ। ଏ ସବୁ କଥା ତ ରେକର୍ଡିଂ କରାଯାଇନି – ମୁଁ ମୋର ବହୁ ପ୍ରବନ୍ଧ ଓ ସାଧାରଣସଭା, ବୈଠକରେ ସେଇ ୧୯୯୦ ମସିହାରୁ କହିଆସୁଛି। ଏଇ ସାଢ଼େ ଛ'ଫୁଟିଆ ଡେଙ୍ଗା ମଣିଷକୁ ଧୋବଫରଫର ଖଦଡ଼ ଫଂଜାବୀଲୁଗାରେ ଯେତେବେଳେ ସେଦିନ ଯାଜପୁରରୋଡ଼ ଡାକବଂଗଳା ସାମ୍ନାରେ ଏକ ମଂଚରେ ଦେଖିଥିଲି – ସେତେବେଳେ ମୁଁ ପଞ୍ଚମ ଶ୍ରେଣୀର ଛାତ୍ର। ଏବେ ମୋତେ ୭୭ ବର୍ଷ ହେଲାଣି। ସେ ମୋତେ ପୁଅଭଳି ସ୍ନେହ କରନ୍ତି। ତାଙ୍କ ସାନ ପୁଅ ନବୀନବାବୁଙ୍କୁ ମଧ୍ୟ ୭୭ ବର୍ଷ। ମୋ ଠାରୁ ମାସେ ସାନ । ବିଜୁବାବୁଙ୍କ ଭାଷଣ ଶୁଣିଲି। ଭାବୁଥାଏ, ଯାଙ୍କ ସହ ଟିକେ ଦେଖା ହୁଅନ୍ତା କି ? ସତକୁସତ ଦେଖା ହେଲେ– କଥା ହେଲେ – ଆଦର କଲେ – ଉତ୍ସାହ ଦେଲେ – ପ୍ରଶଂସା କଲେ ମଧ୍ୟ । ଏ ଦେଖା ୧୯୭୪ ମସିହାରେ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି ସଂଗ୍ରାମବେଳେ। ସେତେବେଳେ ବିଜୁବାବୁ ସ୍ୱୈରାଚାରୀ ଶାସନ ବିରୁଦ୍ଧରେ ସ୍ୱର ଉଠାଉଥିବା ଜେପି ଆନ୍ଦୋଳନର ଜୋରଦାର୍ ଜଣେ ମସ୍ତଜବରଦସ୍ତ ନେତା। ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ସେତେବେଳକୁ ଏ ନୂତନ କ୍ରାନ୍ତିର କାଣ୍ଡାରୀ। ସମାଜ ସଂପାଦକ ରାଧାନାଥ ରଥ ସବୁପ୍ରକାର ମଦତ୍ ଯୋଗାଉଥାନ୍ତି। ମୁଁ ଥାଏ ଘୂର୍ଣ୍ଣିର ମାଟି ସୁକିନ୍ଦା ଘାଟିରେ।

ବିଜୁବାବୁଙ୍କ ସଂଗେ ଭେଟଭାଟ ହୁଏ ବିଭିନ୍ନ ସଭାରେ। କଥା ହୁଏ ଅନେକବାର। ୧୯୭୪ ମସିହାରେ ସମଗ୍ର ଦେଶରେ କଂଗ୍ରେସବିରୋଧୀ – ବିଶେଷ କରି ଫାସିଷ୍ଟ ଇନ୍ଦିରା ଗାନ୍ଧିଙ୍କ ବିରୋଧରେ ଆନ୍ଦୋଳନର ଉତ୍ତାଳ ତରଙ୍ଗ। ଓଡ଼ିଶାରେ ଦୁଃସାହସୀ ଦୁର୍ବାରନେତା ବିଶେଷକରି ବିଜୁବାବୁଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଆନ୍ଦୋଳନ। ସେତେବେଳେ ବିଜୁବାବୁଙ୍କ ଦଳ, ବାମପନ୍ଥୀ ଦଳ ସି.ପି.ଆଇ, ସି.ପି.ଏମ୍, ଏସ୍.ୟୁ.ସି.ଆଇ, ସମେତ ଜନସଂଘ, ପ୍ରଦ୍ୟୁମ୍ନ ବଳଙ୍କ ଦଳ ଇତ୍ୟାଦି ସବୁ ମିଶି ଗୋଟାଏ ମହାସଂଗ୍ରାମର ମଇଦାନରେ। ବିଜୁବାବୁଙ୍କ ନେତୃତ୍ୱରେ ସାରା ରାଜ୍ୟ ପରିକ୍ରମା କରିବାପାଇଁ ବିଭିନ୍ନ ଦଳର ନେତୃବୃନ୍ଦ, ସି.ପି.ଆଇ.ରୁ ଦୁର୍ଗାଚରଣ ମହାନ୍ତି, ସି.ପି.ଏମ୍‌ରୁ ଶିବାଜୀ ପଟ୍ଟନାୟକ, ଏସ.ୟୁ.ସି.ଆଇ.ରୁ ମାୟାଧର ନାୟକ ଏବଂ ପ୍ରଦ୍ୟୁମ୍ନ ବଳ ଓ ଦାମୋଦର ରାଉତ ପ୍ରମୁଖ ସଦାସକ୍ରିୟ ଭୂମିକାରେ ଅବତୀର୍ଣ୍ଣ। ଚାଲିଥାଏ ସମ୍ବଲପୁରରେ ସାଧାରଣ ସଭା। ସଭା ପୂର୍ବରୁ ସବୁଦଳର କର୍ମୀ ଓ ନେତାଙ୍କ ସାଧାରଣ ଅଧିବେଶନ। ସମ୍ବଲପୁର ଟାଉନହଲରେ ଆମେ ସବୁ ନେତାମାନେ ମଞ୍ଚରେ ବସିଥାଉ। ତଳେ ବିଭିନ୍ନ ଦଳର କର୍ମୀମାନେ ବିଜୁବାବୁଙ୍କୁ ଲଗାତର ପ୍ରଶ୍ନବାଣରେ ଘାଇଲା କରିଦେଉଥାନ୍ତି। ବିଜୁବାବୁ ଉତ୍ତର ଦେବା କଥା। ସେ ତାଙ୍କ ପାଖରେ ବସିଥିବା ନେତାମାନଙ୍କୁ ଚାହିଁଲେ। ହଠାତ୍ କହିଲେ – ମାୟାଧର, ଏସବୁ ପ୍ରଶ୍ନର ଉତ୍ତର ଦିଅ। ପ୍ରଶ୍ନ ବିଜୁବାବୁଙ୍କୁ – ଅଥଚ ଉତ୍ତର ଦେବି ମୁଁ ! ବଡ଼ ଅଡୁଆରେ ପଡ଼ିଲି। ମୁଁ ବି ଉତ୍ତର ଦେବାକୁ ବାସ୍ତବରେ ପ୍ରସ୍ତୁତ ନଥିଲି। ସଭା ମଧ୍ୟରେ ବିଜୁବାବୁଙ୍କ ନିର୍ଦ୍ଦେଶ ମାନି ଠିଆହେଲି। ମାଇକ୍ରୋଫୋନ ଧରି ମୋର ସ୍ୱଭାବସୁଲଭ ସ୍ପଷ୍ଟଗମ୍ଭୀର ସ୍ୱରରେ ସମସ୍ତଙ୍କୁ ସମ୍ବୋଧନ କରି କହିଲି – ଭାଇଭଉଣୀମାନେ ! ସାରାଦେଶରେ ସଂପ୍ରତି ଅଶାନ୍ତି ଅସନ୍ତୋଷର ନିଆଁ ଜଳୁଛି। ଏ ନିଆଁକୁ ଲିଭାଇବ କିଏ ? ଯେଉଁଦିନ ଆମେ ସମସ୍ତେ ଏକ ହୋଇ ଦେଶରେ ଜୟପ୍ରକାଶ ନାରାୟଣଙ୍କ ଡାକରାରେ ସଂପୂର୍ଣ୍ଣ କ୍ରାନ୍ତି ସଂଗ୍ରାମକୁ ସଫଳ କରିବା, ସ୍ୱୈରାଚାରୀ, ଅଗଣତାନ୍ତ୍ରିକ, ଏକଛତ୍ରବାଦୀ ଶାସନର ପତନ ଘଟାଇ ନୂଆ ଭାରତ ଗଢ଼ିତୋଳିବା – ସେଇଦିନ ଯାଇ ପ୍ରଶମିତ ହେବାକୁ ଆରମ୍ଭ କରିବ ଜନରୋଷର ଜ୍ୱାଳା। ଉଦାହରଣ ଦେଇ କହିଲି – ଧରି ନିଅନ୍ତୁ – ଗାଁରେ ଘର ପୋଡ଼ିଯାଉଛି। ଆମେ ସବୁ କ'ଣ କରିବା ? ନିଆଁ ଲିଭାଇବା ନା ନାଇଁ ? ସଭାରୁ ଶୁଭିଲା – ନିଆଁ ଲିଭାଇବା। ତା'ହେଲେ ଆମ ଭିତରୁ କେହି ଯଦି ଭାବେ ତା' ଘର ପୋଡ଼ିଗଲା – ମୁଁ କାହିଁକି ନିଆଁ ଲିଭାଇବାକୁ ଯିବି। ମୋ ଘର ତ ପୋଡ଼ିନି। ଆଉ ଯଦି କିଏ ଭାବେ ହରିଜନ ଘର ପୋଡ଼ିଯାଉଛି – ଆମେ କାହିଁକି ତା କୂଅରୁ ପାଣି ଆଣି ନିଆଁ ଲିଭାଇବା। ଏଇ ସବୁ କଥା ଭାବିଲେ ଜଣଙ୍କ ଘର ପୋଡୁପୋଡୁ ସମସ୍ତଙ୍କ ଘର ପୋଡ଼ିଯିବ। ଆମେ ସମସ୍ତେ ବିପତ୍ତିକୁ ମୁଣ୍ଡାଇବା। ପ୍ରଥମେ ନିଆଁ ଲାଗିଥିବା ଘରକୁ ରକ୍ଷା କରିବା। ବର୍ତ୍ତମାନ ବାଦବିବାଦ, ଅଭିମାନ ଛାଡ଼ି ଆସନ୍ତୁ – ସମସ୍ତେ ଏକାଠି ଲଢ଼ିବା । ଏତିକି କଥାରେ ଜୋର କରତାଳି ଦେଇ ସମର୍ଥନ ଜଣାଇଲେ ସମସ୍ତେ। ବିଜୁବାବୁ କହିଲେ – ଚାଲଯିବା ସାଧାରଣ ସଭାକୁ। ଆମେ ପଶ୍ଚିମଓଡ଼ିଶା ପରିକ୍ରମା କରି ପହଞ୍ଚିଲୁ ଦକ୍ଷିଣ ଓଡ଼ିଶାରେ।

ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁରଠାରେ ସଭା। ହରିଶଚନ୍ଦ୍ର ବକ୍ସିପାତ୍ର ସଭାର ଆୟୋଜକ। ତାଙ୍କ ସହ କଥା ହୋଇ ଦି'ଚାରିପଦ ତେଲୁଗୁଭାଷାରେ ସମ୍ବୋଧନ ମନେ ରଖି ସଭାରେ ଭାଷଣ ଦେଲାବେଳେ ଦର୍ଶକମାନେ କରତାଳିରେ ସଭାସ୍ଥଳ କମ୍ପାଇଦେଲେ। ବିଜୁବାବୁ ମୁରୁକିମୁରୁକି ହସୁଥାନ୍ତି। ସଭା ଜମିଗଲା। ଦକ୍ଷିଣ ଓଡ଼ିଶାର ଦୁର୍ବାର ଦୁର୍ଗ ବ୍ରହ୍ମପୁରରେ ସଭା ସାରି ସେଦିନ ବିଜୁବାବୁଙ୍କ ଷ୍ଟେସନୱାଗନଭ୍ୟାନରେ ବିଜୁବାବୁ, ଦୁର୍ଗାବାବୁ ଓ ମୁଁ ଭୁବନେଶ୍ୱର ଫେରିଲୁ। ଗାଡ଼ି ଭିତରେ ଅନେକ କଥା ହେଲା। ୧୯୭୫ରେ ବିଜୁବାବୁ ସମେତ ଆମେ ଜେଲରେ। ୧୯୭୭ ଜାନୁୟାରୀ ମାସରେ ଜରୁରୀକାଳୀନ ପରିସ୍ଥିତିକୁ ପ୍ରତ୍ୟାହାର। ନିର୍ବାଚନ ଘୋଷଣା। ଜେ.ପି.ଙ୍କ ନେତୃତ୍ୱରେ ଛ'ଦଳ ମିଶି ଭାରତୀୟ ଜନତାଦଳ ଗଢ଼ି ନିର୍ବାଚନ ଲଢ଼ିଲେ। ବାମପନ୍ଥୀ ସି.ପି.ଆଇ.କୁ ଛାଡ଼ି ଅନ୍ୟ ଦଳ ସମର୍ଥନ କଲେ। ସବୁ ରାଜ୍ୟରେ ଆସନ ଭାଗବଂଟା ହେଲା। ଆମ ଓଡ଼ିଶାରେ ଜନତାଦଳର ସଭାପତି ବିଶ୍ୱନାଥ ପଣ୍ଡିତ ଥିଲେ ମଧ୍ୟ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ବିଜୁ ବାବୁ ପ୍ରମୁଖ ଭୂମିକାନେଇ ଆସନ ବୁଝାମଣା କରାଇଲେ। ସେତେବେଳେ ଆମ ଦଳ ଏସ.ୟୁ.ସି.ଆଇ. ପାଞ୍ଚଟି ଆସନ ମାଗିଲା। ବିଜୁବାବୁ ନବବାବୁ କହିଲେ – ସୁକିନ୍ଦା, ଯଶିପୁର ନିଅ। ମାୟାଧର, ଶମ୍ଭୁନାଥ ଲଢ଼ନ୍ତୁ। ଶେଷରେ ଆମକୁ ଗୋଟିଏ ବି ଆସନ ଦେଲେନି।

୧୯୭୭ରେ ନିର୍ବାଚନରେ କଂଗ୍ରେସ ମେଂଟ ଚିତ୍‌ପଟାଙ୍ଗ। ଜନତାଦଳ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ଦଖଲ କଲେ। ବିଜୁବାବୁ କେନ୍ଦ୍ରମନ୍ତ୍ରୀ। ତାଙ୍କ ସହ ଅନେକ ବାର ବିଭିନ୍ନ ସମସ୍ୟା ନେଇ ଦେଖା କରିଛି। ପୁଣି ୧୯୯୦ରେ ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ତାଙ୍କର ମୋର ପ୍ରଥମ ସାକ୍ଷାତ ଏ ଲେଖାର ପ୍ରଥମରୁ କହିଛି।

୧୯୯୦ ନିର୍ବାଚନରେ ଜନତା ଦଳରେ ମିଶିବାପାଇଁ ଅଶୋକ ଦାସଙ୍କ ଜରିଆରେ ବିଜୁବାବୁ ବହୁବାର ମତେ ଡାକିଛନ୍ତି। ଶେଷରେ ତାଙ୍କୁ ଦେଖା କଲି। ସେ କହିଲେ – ମାୟାଧର ! ଆମ ଦଳକୁ ଚାଲିଆସ୍। ଅଶୋକ, ଶ୍ରୀକାନ୍ତ, ବିଜୟ, ନଳିନୀ ଅଛନ୍ତି – ତୁ ଆସିଲେ ଫଂଚୁପାଣ୍ଡବ ହୋଇ ଓଡ଼ିଶାର ନେତୃତ୍ୱ ନେବା। ମୁଁ କିନ୍ତୁ ବିନମ୍ରତାର ସହ ମନା କରି ଦେଇଥିଲି।

ଘଟଣାଚକ୍ରରେ ସୁକିନ୍ଦା ଖଣିଶ୍ରମିକଙ୍କ ଦାବି ନେଇ ବିଜୁବାବୁଙ୍କ ସରକାର ବିରୋଧରେ ତୁମୁଳ ସଂଗ୍ରାମ ଆରମ୍ଭ କଲି। ମାସମାସ ଧରି ସୁକିନ୍ଦାରୁ କ୍ରୋମାଇଟ ଛାଡ଼ିଲୁ ନାହିଁ। ସଂଗ୍ରାମୀ ଖଣିଶ୍ରମିକଙ୍କ ଆଗ୍ନେୟ ଆନ୍ଦୋଳନର ଖାସ୍‌ଖବର ରାଜ୍ୟରୁ ଦେଶବିଦେଶକୁ ଦାବାଗ୍ନି ପରି ବ୍ୟାପିଗଲା। ଦେଶବିଦେଶକୁ କ୍ରୋମାଇଟ ରପ୍ତାନୀ ହୋଇପାରିଲା ନାହିଁ। କାରଖାନା ଏକପ୍ରକାର ଅଚଳ। ପାରାଦ୍ୱୀପ ବନ୍ଦରକୁ ଗାଡ଼ି ଗଡ଼ିଲାନି। ସବୁ କାରଖାନା ଖଣିମାଲିକ ବିଜୁବାବୁଙ୍କ ପାଖରେ ମୋ ନାଁରେ ଅଭିଯୋଗ କଲେ। ବିଜୁବାବୁ ଉଚ୍ଚସ୍ତରୀୟ ବୈଠକ ଡାକି ମୋତେ ଗିରଫକରି ଛ'ମାସ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ। ବିଜୁବାବୁଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବ କିଏ ? ସେତେବେଳେ ଅବିଭକ୍ତ କଟକର ଏସ୍.ପି. ବିଦ୍ୟାଭୂଷଣ ମହାନ୍ତି, କଲେକ୍ଟର ପ୍ରିୟବ୍ରତ ପଟ୍ଟନାୟକ, ସୁକିନ୍ଦା ଥାନା ଇନଚାର୍ଜ ଅଫିସର ରଂଗବଲ୍ଲଭ ଜେନା ଥାଆନ୍ତି। ଯେଉଁଦିନ ନିଷ୍ପତ୍ତି ହେଲା – ସେଦିନ ରାତିରେ ଏସ.ପିଙ୍କ ନେତୃତ୍ୱରେ ମୋତେ ଗିରଫ କରିବା କଥା। ଏ କଥା ମୁଁ ଜାଣିବି କିପରି ? ସେଦିନ ସଂଧ୍ୟାବେଳେ ସୁକିନ୍ଦା ଖଣିଶ୍ରମିକ ଆନ୍ଦୋଳନ ସଂପର୍କରେ ଏସ.ପି.ଙ୍କୁ ତାଙ୍କ ବାରବାଟୀ ଦୁର୍ଗ କ୍ୱାର୍ଟରରେ ଦେଖା କରିବାକୁ ଯାଇଥାଏ। ମୋତେ ଦେଖି ବିଦ୍ୟାଭୂଷଣବାବୁ ଦଉଡ଼ିଆସିଲେ। ଗୋଟିଏ ଗଛମୂଳକୁ ଟାଣିନେଇ କହିଲେ – ଆଜି ଏକ ଉଚ୍ଚସ୍ତରୀୟ ଅଫିସର ବୈଠକରେ ବିଜୁବାବୁ ଅର୍ଡର ଦେଇଛନ୍ତି ମାୟାଧର ନାୟକଙ୍କୁ ଆରେଷ୍ଟ କର। କଲେକ୍ଟର ମୁଁ ନିଷ୍ପତ୍ତି ନେଉଛୁ – ଆପଣଙ୍କୁ ଗିରଫ କରିବୁନି। ଆପଣ ଶ୍ରମିକମାନଙ୍କ ଦାନାକନା ପାଇଁ ଲଢୁଛନ୍ତି। ଶୀଘ୍ର ପଳାନ୍ତୁ। ଅଣ୍ଡରଗ୍ରାଉଣ୍ଡ ହେଇଯାଆନ୍ତୁ। ମୁଁ ଆଶ୍ଚର୍ଯ୍ୟ ! ଓଡ଼ିଶାରେ ସବୁଠି ଦୁର୍ଦ୍ଦାନ୍ତ କଲେକ୍ଟର ଭାବରେ ଜଣାଶୁଣା ପ୍ରିୟବ୍ରତ ପଟ୍ଟନାୟକ, ସଚ୍ଚୋଟ ପୁଲିସ ଅଫିସର ଭାବରେ ଅଙ୍ଗୁଳିଗଣା ଏସ୍.ପି. ବିଦ୍ୟାଭୂଷଣ ମହାନ୍ତି ସତରେ କେତେ ଜନଦରଦୀ ! ଅବସରପ୍ରାପ୍ତ ମୁଖ୍ୟ ଶାସନସଚିବ ବିଜୟ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପୁଲିସ ଡି.ଜି. ମନମୋହନ ପ୍ରହରାଜ, ଟୁଲୁବାବୁ (ପ୍ରିୟବ୍ରତ ପଟ୍ଟନାୟକ) ମତେ ବଡ଼ଭାଇ ସମ୍ମାନ ଦିଅନ୍ତି। ଏକଦା ମୁଁ ଥିଲି ଏମାନଙ୍କର ଛାତ୍ରନେତା। ପରଦିନ ଏସ.ପି., କଲେକ୍ଟର ପୁଲିସ ଫୋର୍ସ ନେଇ ସୁକିନ୍ଦା ଖଣି ଅଂଚଳ ଛାନଭିନ୍ କରି ଖୋଜିଲେ ମୋତେ ଆରେଷ୍ଟ କରିବାକୁ। ମୁଁ ତ ଅଜ୍ଞାତବାସରେ। ମୋ ପତା ପାଇବ କିଏ ? ପ୍ରିୟବ୍ରତବାବୁ ଖବର ଦେଲେ – ମାୟାଧରବାବୁ – ଅଜ୍ଞାତବାସରେ ଥାଆନ୍ତୁ। ଆପଣଙ୍କ ଉପରୁ ଗିରଫ ପରୱାନା ରଦ୍ଦ ହେଲା ପରେ ଆତ୍ମପ୍ରକାଶ କରିବେ। ଯାହା ପରେ ଖବର ନେଇଥିଲି – ବିଜୁବାବୁ ମଧ୍ୟ ମୋତେ ଗିରଫ କରି ଜେଲରେ ପୁରାଇବାକୁ ଚାହୁଁନଥିଲେ ! ସେଦିନ ବୁଝିଲି, ପରାଧୀନ ଭାରତ ହେଉ କି ସ୍ୱାଧୀନ ଭାରତ ହେଉ – ବିଜୁବାବୁ ବରାବର ବିପ୍ଳବର ବାଟୋଇମାନଙ୍କ ପ୍ରତି ଅନ୍ତରାତ୍ମାରେ ଚିରଦରଦୀ । ବିଜୁବାବୁ ସିନା ଆରପାରିକି ଚାଲିଗଲେଣି – ହେଲେ ତାଙ୍କର ମୋର ଭାବ ଆଉ ଜାଣିବ କିଏ ନା ବୁଝିବ କିଏ ? ସେଇ ପ୍ରବାଦପୁରୁଷ ଝଡର ଇଗଲ, ବୈଚିତ୍ର୍ୟମୟ ବିଜୁ ପଟ୍ଟନାୟକଙ୍କୁ କୋଟି କୋଟି ପ୍ରଣାମ।

# କଳିକୁ କାଳ – ଟ୍ରମ୍ପ

ରାଧା ଚରଣ ନାୟକ
ସମାଜସେବୀ ଓ ବରିଷ୍ଠ ଆଇନଜୀବୀ,
ରାମ ନଗର-୨ (କମାପଲ୍ଲୀ),
ବ୍ରହ୍ମପୁର -୪, ଗଞ୍ଜାମ।
ମୋବାଇଲ୍ ନଂ.
୯୮୬୧୧୪୪୬୯୧।

ପରଂବ୍ରହ୍ମ ନାରାୟଣ ସୃଷ୍ଟି ସର୍ଜନା କରି ସମଗ୍ର ବିଶ୍ୱକୁ ତିନି ଭାଗରେ ବଭକ୍ତ କଲେ ଏବଂ ତିନି ଠାକୁରଙ୍କୁ ତିନୋଟି ବିଭାଗ ବାଣ୍ଟିଦେଲେ, ତନ୍ମଧ୍ୟରୁ ସୃଷ୍ଟି ସର୍ଜନା ଦାୟିତ୍ୱ ବ୍ରହ୍ମାଙ୍କୁ ଦେଇଥିବାବେଳେ, ପାଳନ ଦାୟିତ୍ୱ ବିଷ୍ଣୁଙ୍କୁ ଏବଂ ସଂହାର ଦାୟିତ୍ୱ ଦେଲେ ଶିବଙ୍କୁ, ଯାହାଙ୍କୁ ଦେବ ଦେବ ମହାଦେବ ଭାବେ ମାନ୍ୟତା ଦିଆଯାଇଥାଏ।

ସେହି ନ୍ୟାୟରେ ଦେଖିବାକୁ ଗଲେ କଳିଯୁଗର ଶେଷ ସମୟରେ ଭଗବାନ କଳ୍କୀ ଅବତାର ଗ୍ରହଣ କରି ଦଶଗୋଟି ଉପାୟରେ ପାପୀ, ଦୁରାଚାରୀ, ବିପଥଗାମୀ, ହତ୍ୟାକାରୀ, ଅବାଞ୍ଛିତ ତଥା ସଂସ୍କାରବିହୀନ ଲୋକମାନଙ୍କୁ ଯମପୁରକୁ ପଠାଇବା ପାଇଁ ପଥ ପରିଷ୍କାର କରୁଥିବାବେଳେ, ପୁରାଣ ପ୍ରକାରେ ଦ୍ୱାପର ଯୁଗରେ ମହାଭାରତ ଯୁଦ୍ଧର ବାକିଥିବା ଗୋଟିଏ ଓଳି, କଳିଯୁଗର ଶେଷ ସମୟରେ ସଂଗଠିତ ହେବ। ତେଣୁ କୁହାଯାଇଛି, ଭଗବାନ ପୁରାଣ ବର୍ଣ୍ଣିତ ବିଷୟବସ୍ତୁ ହେଉ କି ମାଳିକା ଲିଖିତ କଥାବସ୍ତୁ ହେଉ, କଳିଯୁଗର ଶେଷ ବେଳରେ ଆମେରିକାର କ୍ରମାଗତ ଦ୍ୱିତୀୟବାର ରାଷ୍ଟ୍ରପତି ପଦ ମଣ୍ଡନ କରିଥିବା 'ଡୋନାଲ୍ଡ ଟ୍ରମ୍ପ'ଙ୍କୁ କଳିଯୁଗ ଶେଷ କରି ସତ୍ୟଯୁଗ ଆରମ୍ଭ କରିବା ପାଇଁ ଧରାପୃଷ୍ଠକୁ ପଠାଇଛନ୍ତି।

ଦ୍ୱିତୀୟବାର ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବା ପରେ ପରେ ଟ୍ରମ୍ପ ଭାରତ ଉପରେ ଆମେରିକାର ତେଲ ଆମଦାନୀର କଟକଣା ଏବଂ ପରେ ପରେ ଅନ୍ୟ ଦେଶମାନଙ୍କ ଉପରେ କଟକଣା ଲଗାଇବା ସହିତ ଶୁଳ୍କ ବୃଦ୍ଧି କରିବା ପାଇଁ ତିଳେହେଲେ କୁଣ୍ଠାବୋଧ କରିନାହାଁନ୍ତି, ଯାହାଦ୍ୱାରା ବର୍ତ୍ତମାନ ପୃଥିବୀରେ ଉତ୍କଟ ତେଲ ସଂକଟ ଦେଖା ଦେଇଥିବାବେଳେ, ରନ୍ଧନ ଗ୍ୟାସର ସିଲିଣ୍ଡର ପିଛା ଷାଠିଏ ଟଙ୍କା ବୃଦ୍ଧି ପାଇଛି ଏବଂ ପୂର୍ବଭଳି ସହଜରେ ଉପଲବ୍ଧ ନୁହଁ। ଭାରତ, ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧ (ଅପରେସନ୍ ସିନ୍ଦୁର)ର ବିରତି ନେଇ (ଟ୍ରମ୍ପଙ୍କର) କୌଣସି ଭୂମିକା ନଥିବାବେଳେ ଅଯଥା ବାହଦୂରି ନେବାପାଇଁ ଅଦରକାରୀ, ଅନାବଶ୍ୟକ, ଅଯୌକ୍ତିକ, ଅପ୍ରାସଙ୍ଗିକ ଯୁକ୍ତିଗୁଡ଼ିଏ ଭାରତ ଉପରେ ଲଦିଦେଇ ଉଭୟ ଦେଶର ବୈଦେଶିକ ନୀତିକୁ କଳୁଷିତ କରିବା ପାଇଁ ଚେଷ୍ଟା କରି ବିଫଳ ହେଲେ।

ପରେ ପରେ ହସ୍ତକ୍ଷେପ କଲେ ମଧ୍ୟ ପ୍ରାଚ୍ୟ ଯୁଦ୍ଧ ରଣାଙ୍ଗନରେ। ଗୋଟିଏ ପରେ ଗୋଟିଏ ଦେଶ ଉପରେ ଆକ୍ରମଣ ଚଳାଇ ଟ୍ରମ୍ପ ବର୍ତ୍ତମାନ ବିଶ୍ୱରେ ଏକ ପ୍ରକାରର ଆତଙ୍କରାଜ ଚଳାଇଲେଣି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ବଢ଼ି ବଢ଼ି ଚାଲିଥିବାବେଳେ, ଇରାନର ବିପୁଳ କ୍ଷୟକ୍ଷତି ଘଟାଇବା ସହିତ ଇସ୍ରାଇଲ୍ ଏବଂ ଆମେରିକାର ମଧ୍ୟ ବିପୁଳ କ୍ଷତି ଘଟାଇଲେଣି। ଇରାନର ସର୍ବୋଚ୍ଚ ନେତା ଖେମନାଇଙ୍କ ସହିତ ତାଙ୍କ ପରିବାରର ସଦସ୍ୟଙ୍କୁ ନିପାତ କରିଥିବାର ଖବରକୁ ପ୍ରଚାର କରିବା ପାଇଁ ଭୁଲି ନଥିଲେ। ଯୁଦ୍ଧରେ ହଠାତ୍ ଆମେରିକା ପକ୍ଷରୁ ଯେଉଁ ଭଳି ଆକ୍ରମଣ କରାଗଲା, ତାହା ସମ୍ପୂର୍ଣ୍ଣ ରୂପେ ଟ୍ରମ୍ପଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା। ଗତ ୧୨ ମାସ ଭିତରେ ଟ୍ରମ୍ପ ଆଠଟି ଦେଶ ଉପରେ ଆକ୍ରମଣ କରିସାରିଲେଣି। ତାଙ୍କର ଏକମାତ୍ର ଉଦ୍ଦେଶ ହେଲା, ତାଙ୍କ ବୈଦେଶିକ ନୀତିକୁ କେହିହେଲେ ପ୍ରଶ୍ନ କରିପାରିବେ ନାହିଁ ଏବଂ ସେ ମନଇଚ୍ଛା ଯେଉଁ ଦେଶ ଉପରେ ଯେତିକି ଶୁଳ୍କ ଲଗାଇଲେ ମଧ୍ୟ ତାଙ୍କୁ କେହି କିଛି କରିପାରିବେ ନାହିଁ। ଶୁଳ୍କ ଲଗାଇବା ନେଇ ଟ୍ରମ୍ପଙ୍କ ବିରୁଦ୍ଧରେ ଆମେରିକାର କୋର୍ଟ ନିଷ୍ପତ୍ତି ଶୁଣାଇଥିଲେ ମଧ୍ୟ, ଟ୍ରମ୍ପ ସେଗୁଡ଼ିକୁ ବେଖାତିର କରିଦେଇଛନ୍ତି। ସମଗ୍ର ବିଶ୍ୱରେ ଦାଦାଗିରି କରୁଥିବା ଟ୍ରମ୍ପ ଏହି ଯୁଦ୍ଧରୁ କ'ଣ ପାଇଲେ ବଡ଼କଥା ନୁହେଁ, ବରଂ କ'ଣ ହରାଇଲେଣି ତାହା ବଡ଼କଥା। ଟ୍ରମ୍ପ ବର୍ତ୍ତମାନ କେଉଁ ଅଧିକାରରେ ଆଠଟି ଦେଶ ଉପରେ ଆକ୍ରମଣ କଲେଣି, ତାହା ପ୍ରଶ୍ନବାଚୀ ଭିତରକୁ ଆସିଯାଇଛି। ଇରାନ୍ ପୂର୍ବରୁ, ନାଇଜେରିଆ ଓ ଭେନ୍‌ଜୁଏଲା ଉପରେ ଟ୍ରମ୍ପ ଆକ୍ରମଣ କରିସାରିଲେଣି। ତାଙ୍କର ରୁଚିକୁ ନେଇ ବିଶ୍ୱ ବର୍ତ୍ତମାନ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଦଣ୍ଡାୟମାନ, ଏହା ସ୍ଥିର ନିଶ୍ଚିତ। ଏସିଆର ମଧ୍ୟ ପ୍ରାଚ୍ୟରେ ଏତେ ବଡ଼ କାଣ୍ଡ ଘଟିଗଲା ପରେ ମଧ୍ୟ, ଟ୍ରମ୍ପ ତାଙ୍କର ଅବାସ୍ତବ ଚିନ୍ତାଧାରାକୁ ଆଗକୁ ବଢ଼ାଇବାରେ ତିଳେହେଲେ ଅବହେଳା କରୁନାହାଁନ୍ତି। ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ, ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆମେରିକାର ଦାବିକୁ ଇରାନର ରାଷ୍ଟ୍ରପତି ମାସୁଦ୍ ପୋଜେସିଆନ୍ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଏପରି ଆଶା କେବଳ ସ୍ୱପ୍ନ, ଯାହା କେବେ ପୂରଣ ହୋଇପାରିବ ନାହିଁ, ତୁମର ଇଚ୍ଛାକୁ କବର କରିଦିଅ। ଏହାସତ୍ତ୍ୱେ ଇରାନ୍ ଉପରେ ବଡ଼ ଆକ୍ରମଣ ହେବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଏବଂ ନିକଟ ଅତୀତରେ ଇରାନ ସଭ୍ୟତା ଧ୍ୱଂସ ପାଇବ ବୋଲି ଅଭୟ ବାଣୀ ଶୁଣାଇଛନ୍ତି।

ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ଇସ୍ରାଏଲକୁ ସମର୍ଥନ କରି ଆମେରିକା ହସ୍ତକ୍ଷେପ କରିବା ପରେ, ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଛି ଏପରିକି ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ଘଟିଥିବା ନେଇ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଘୋଷଣା ଯୋଗୁଁ ସମଗ୍ର ବିଶ୍ୱ ସ୍ତବ୍ଧ ହୋଇପଡ଼ିଛି। ଇତି ମଧ୍ୟରେ ଇରାନ୍ ପକ୍ଷରୁ ଆମେରିକାର ପ୍ରମୁଖ ଏୟାର ବେସ୍ ଗୁଡ଼ିକରେ ଶତାଧିକ ମିସାଇଲ୍ ସହିତ ଡ୍ରୋନ୍ ମାଡ଼ କରାଯାଇଛି ଏବଂ ଆମେରିକା ନୌସେନାର ଏକ ସର୍ଭିସ୍ ସେଣ୍ଟର ଉପରେ ମିସାଇଲ ମାଡ଼ କରାଯାଇଛି।

ପ୍ରକାଶଥାଉକି, ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଯୋଗୁଁ, ଇରାନ ସରକାର ହର୍ମୁଜ ଜଳପଥକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଦ୍ୱାରା, ବିଶ୍ୱରେ ତେଲ ଓ ଜାଳେଣି ଗ୍ୟାସର 'କୋକୁଆ ଭୟ' ସୃଷ୍ଟି ହୋଇଗଲା, ଏପରିକି ଓଡ଼ିଶାର ହଜାର ହଜାର ଶ୍ରମିକ ବଡ଼ ବଡ଼ ସହର ଯଥା ଅହମ୍ମଦାବାଦ, ମୁମ୍ବାଇ ଓ ହାଇଦ୍ରାବାଦରୁ ନିଜ ନିଜ ପେଶାକୁ ଜଳାଞ୍ଜଳି ଦେଇ ନିଜ ନିଜର ଗ୍ରାମକୁ ଫେରିବା ପାଇଁ ବାଧ୍ୟ ହେଲେ। ପରିସ୍ଥିତି ଭୟାଭୟ ହେବାରୁ, ନିଜ ଦେଶ ଆମେରିକାର ଜନତା ଟ୍ରମ୍ପଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରୁ, 'ବିଶ୍ୱ ଦରବାର' କଟୁ ମନ୍ତବ୍ୟ ଦେବାରୁ, ଇରାନ ନାଲି ଆଖି ଦେଖାଇବାରୁ ଟ୍ରମ୍ପଙ୍କ ସ୍ୱର ନରମିବାକୁ ଲାଗିଲା ଏବଂ ଯୁଦ୍ଧ ବିରତି କଥା ଚିନ୍ତାକଲେ, ତାହା ପୁଣି ସର୍ତ୍ତ ଭିତ୍ତିକ। ତେଣୁ ଇରାନ ତାହାକୁ ପ୍ରତ୍ୟାଖ୍ୟାନ କଲା। ପରିସ୍ଥିତି ଜଟିଆ ଆଡ଼କୁ ଗତି କରିବାରୁ, ଇରାନ ହର୍ମୁଜକୁ ପୁଣି ବନ୍ଦ କରିଦେଲା ଏବଂ ଆମେରିକାକୁ ପ୍ରଶ୍ନ କଲା–'ଯୁଦ୍ଧ ବନ୍ଦ ନା ଯୁଦ୍ଧ ଚାହୁଁଛି' ? ଏଥିରୁ ସ୍ପଷ୍ଟ ଅନୁମେୟ, ଡୋନାଲ୍ଡ ଟ୍ରମ୍ପ ଯାହା ସ୍ୱପ୍ନ ଦେଖୁଥିଲେ, ଇରାନକୁ କବ୍‌ଜା କରିଦେଲେ ଇରାନର ତୈଳ ଭଣ୍ଡାରକୁ ନିଜ ଅକ୍ତିଆରକୁ ନେଇଯିବେ, ତାହା ଟ୍ରମ୍ପଙ୍କ ପାଇଁ ଦିବା ସ୍ୱପ୍ନ ପାଲଟିଗଲା ଏବଂ ଟ୍ରମ୍ପଙ୍କ ଦିବା ସ୍ୱପ୍ନ ଯୋଗୁଁ, ସାରା ପୃଥିବୀବାସୀ ଅବାଞ୍ଛିତ ଯୁଦ୍ଧର ସମ୍ମୁଖୀନ ହେଲେ। ତେଣୁ,ମାଳିକା ଶାସ୍ତ୍ର ଅନୁସାରେ ୨୦୨୬ ଠାରୁ ୨୦୨୮ ମଧ୍ୟରେ କଳିଯୁଗ ଶେଷ ହୋଇ ସତ୍ୟଯୁଗ ଆରମ୍ଭ ହେବାକୁ ଯାଉଥିବାବେଳେ, ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଯୁଦ୍ଧଖୋର୍ ମନୋବୃତ୍ତି, ମାଳିକା ବଚନର ଲିଖିତ ଘଟଣା ସହିତ ମେଳ ଖାଉଥିବାରୁ, ଦ୍ୱାପର ଯୁଗର ମହାଭାରତ ଯୁଦ୍ଧରେ ରହିଯାଇଥିବା ଏକ ଓଳି, ଆସନ୍ତା ଦୁଇ ବର୍ଷ ମଧ୍ୟରେ ସଂଗଠିତ ହୋଇ ଅକାଳରେ କୋଟି କୋଟି ଲୋକ ମୃତ୍ୟୁବରଣ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଶେଷରେ ବିଶ୍ୱର ସମସ୍ତ ଦେଶ ଦୁଇ ଭାଗରେ ବିଭକ୍ତ ହୋଇ ଯୁଦ୍ଧରେ ସାମିଲ୍ ହେବେ ଏବଂ ଅତ୍ୟାଧୁନିକ ମାରଣାସ୍ତ୍ରମାନ ପ୍ରୟୋଗ କରି ସିଂହଭାଗ ଜନତା ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଯିବେ। ଅତଏବ, ତୃତୀୟ ବିଶ୍ୱଯୁଦ୍ଧକୁ ରୋକିବା ପାଇଁ କେଉଁ ଉପାୟ ଅବଲମ୍ବନ କରାଯାଇପାରିବ, ତାହା ଆଜଠୁ ହିଁ ବୁଦ୍ଧିଜୀବୀମାନେ ଚିନ୍ତା କରିବାର ବେଳ ଉପନୀତ। ତେଣୁ, ଟ୍ରମ୍ପ କଳିଯୁଗର କାଳ ଭାବେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଛନ୍ତି, ଏଥିରେ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ୧୮ ବର୍ଷରେ ପଦାର୍ପଣ କଲା ଆଇପିଏଲ



**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ ଶନିବାର ୧୮ ବର୍ଷରେ ପୂରଣ ହୋଇଛି। ଏହି ଲିଗ ଏପ୍ରିଲ ୧୮, ୨୦୦୮ ରେ ଆରମ୍ଭ ହୋଇଥିଲା। ଲିଗ୍‌ର ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିଲା। ଶନିବାର ୧୮ ବର୍ଷ ପରେ, ଏହି ସ୍ଥାନରେ ଏକ ସ୍ୱତନ୍ତ୍ର ମୁକାବିଲା ଦେଖିବାକୁ ମିଳିଥିଲା।

ଆଇପିଏଲ ୨୦୨୬ର ୨୬ତମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୧୦୦ତମ ଆଇପିଏଲ ମ୍ୟାଚ୍ ମଧ୍ୟ ହୋଇଥିଲା। ଏହା ସହିତ ଆରସିବି ଗୋଟିଏ ସ୍ଥାନରେ ୧୦୦ଟି ଆଇପିଏଲ ମ୍ୟାଚ୍ ଖେଳିବା ପାଇଁ ପ୍ରଥମ ଦଳ ହୋଇଛି।

ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏହି ମ୍ୟାଚ୍ ଠିକ୍ ୧୮ ବର୍ଷ ପରେ ହୋଇଥିଲା। ଏହା ହେଉଛି ସେହି ଦିନ ଯେଉଁଦିନ ଆରସିବି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଏହାର ପ୍ରଥମ ଆଇପିଏଲ ମ୍ୟାଚ୍ ଖେଳିଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମ ଆରସିବିର ହୋମ୍ ଗ୍ରାଉଣ୍ଡ ଭାବରେ କାର୍ଯ୍ୟ କରିଛି। ଏହି ୧୮ ବର୍ଷ ମଧ୍ୟରେ ଆରସିବି ଏହି ସ୍ଥାନରେ ଅନେକ ସ୍ମରଣୀୟ ମ୍ୟାଚ୍ ଖେଳିଛି।

ଏହି ସଫଳତା କେବଳ ଆରସିବି ପାଇଁ ନୁହେଁ ବରଂ ସମଗ୍ର ଆଇପିଏଲ ପାଇଁ ଏକ ମାଇଲଖୁଣ୍ଟ ଭାବରେ କାର୍ଯ୍ୟ କରେ। ଗୋଟିଏ ଦଳ ସେହି ସ୍ଥାନରେ ୧୦୦ ମ୍ୟାଚ୍ ପୂରଣ କରିଛି ଯେଉଁଠାରୁ ଆଇପିଏଲ ଯାତ୍ରା ପ୍ରଥମେ ଆରମ୍ଭ ହୋଇଥିଲା। ଏହି ଦିନଟି ଆରସିବି ଏବଂ ଚିନ୍ନାସ୍ୱାମୀ ଷ୍ଟାଡିୟମର ଇତିହାସରେ ଲିପିବଦ୍ଧ ରହିବ।

# ରୋମାଞ୍ଚକର ମୁକାବିଲାରେ ବେଙ୍ଗାଲୁରୁକୁ ୬ ୱିକେଟ୍‌ରେ ହରାଇଲା ଦିଲ୍ଲୀ

**ବେଙ୍ଗାଲୁରୁ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ୨୬ତମ ମ୍ୟାଚ୍ ରୋମାଞ୍ଚକର ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ପରାସ୍ତ କରିଛି। ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦିଲ୍ଲୀ ଟିମ୍ ବ୍ୟାଟିଂ କରିଥିଲା। ଦଳ ୧୯.୫ ଓଭରରେ ୪ଟି ୱିକେଟ୍ ହରାଇ ୧୭୯ ରନ୍ ସଂଗ୍ରହ କରିଛି। ଦିଲ୍ଲୀ ପାଇଁ କେଏଲ୍ ରାହୁଲ ଏବଂ ତ୍ରିସ୍ତାନ ଷ୍ଟବ୍‌ସ ଅର୍ଦ୍ଧଶତକ ହାସଲ କରିଥିଲେ।

ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଘରୋଇ ଦଳ ବ୍ୟାଟିଂ କରିଥିଲା। ରଜତ ପଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା।



ବେଙ୍ଗାଲୁରୁ ପାଇଁ ଫିଲିପ୍ ସଲ୍ଟ ଏବଂ ବିରାଟ କୋହଲି ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇ ୫୨ ରନ୍‌ର ଭାଗିଦାରୀ କରିଥିଲେ। ଦିଲ୍ଲୀର ପ୍ରଥମ ଶିକାର ହୋଇଥିଲେ ବିରାଟ କୋହଲି। କିନ୍ତୁ କ୍ରିଜ୍ ଛାଡ଼ିବା ପୂର୍ବରୁ କୋହଲି ବ୍ୟକ୍ତିଗତ ଭାବେ ୧୯ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ।

ବେଙ୍ଗାଲୁରୁ ପାଇଁ ଫିଲିପ୍ ସଲ୍ଟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ୩୮ଟି ବଲ୍ ସାମ୍ନା କରି ୪ଟି ଚୌକା ଏବଂ ୩ଟି ଛକା ବଳରେ ୬୩ ରନ୍ କରିଥିଲେ। ବେଙ୍ଗାଲୁର ଦ୍ୱିତୀୟ ୱିକେଟ୍ ଭାବେ ଦେବଦୂତ୍ତ ପଡ୍ଡିକଲ(୧୮ ରନ୍)ଙ୍କୁ ହରାଇଥିଲା ବେଳେ ଦିଲ୍ଲୀର ତୃତୀୟ ଶିକାର ହୋଇଥିଲେ ଫିଲିପ୍ ସଲ୍ଟ। ଦଳ ତୃତୀୟ ୱିକେଟ୍‌ର ପତନ ବେଳକୁ ସ୍କୋର ୧୦୫ ରନ୍ ହୋଇଥିଲା।

ଟିମ୍ ଡେଭିଡ ଆଇପିଏଲ୍‌ର ୧୦୦୦ ରନ୍ କ୍ଲବରେ ସାମିଲ ହୋଇଛନ୍ତି। ସେ ଦିଲ୍ଲୀ ବିପକ୍ଷରେ ଶନିବାର ୧୭ଟି ବଲ୍‌ର ସାମ୍ନା କରିଥିଲେ। ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୬ ରନ୍ ସଂଗ୍ରହ କରିଥିଲେ ଏବଂ ଦିଲ୍ଲୀର ଚତୁର୍ଥ ଶିକାର ହୋଇଥିଲେ। ଜିତେଶ ଶର୍ମା ୧୪ ରନ୍ ଏବଂ କ୍ରୁଣାଳ ପାଣ୍ଡ୍ୟା ୧୨ ରନ୍ କରିଥିଲା ବେଳେ ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ଉତ୍ସାହଜନକ ନଥିଲା। ଦିଲ୍ଲୀ ପାଇଁ ଲୁଙ୍ଗି ଏନ୍‌ଗିଡି, କୁଲଦୀପ ଯାଦବ ଏବଂ ଅକ୍ଷର ପଟେଲ ୨-୨-୨ ୱିକେଟ୍ ନେଇଥିଲେ। ମୁକେଶ କୁମାର ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।

# ପାକିସ୍ତାନ ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ସରଫରାଜ ଅହମ୍ମଦ




**ଇସଲାମାବାଦ**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମେ' ମାସରେ ହେବାକୁ ଥିବା ବାଂଲାଦେଶ ଗସ୍ତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୋର୍ଡ ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଘୋଷଣା କରିଛି। ଏହା ସହିତ, ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ୧୬ ଜଣିଆ ଦଳ ମଧ୍ୟ ଘୋଷଣା କରାଯାଇଛି।

ପିସିବି ସରଫରାଜ ଅହମ୍ମଦଙ୍କୁ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ସରଫରାଜଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୧୯ ବର୍ଷରୁ କମ୍ ବିଶ୍ୱକପ ଜିତିଥିଲା। ଏହା ବ୍ୟତୀତ, ତାଙ୍କ ଅଧିନାୟକତ୍ୱ ସମୟରେ ପାକିସ୍ତାନ ୨୦୧୭ରେ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା – ଯାହାକି ଆଜି ପର୍ଯ୍ୟନ୍ତ ଦେଶର ଶେଷ ଆଇସିସି ଟାଇଟଲ ଥିଲା। ଏହା ସହିତ ପିସିବି ୧୬ ଜଣିଆ ଦଳ ଘୋଷଣା କରିଛି। ଟେଷ୍ଟ ଦଳର ନେତୃତ୍ୱ ଶାନ ମାସୁଦଙ୍କ ହାତରେ ରହିଛି। ଏହି ସମୟରେ, ଚୟନ କମିଟି ଦଳ ପାଇଁ ଚାରି ଜଣ ଅଣକ୍ୟାପ ଖେଳାଳିଙ୍କୁ ବାଛିଛି। ଅବଦୁଲ୍ଲା ଫଜଲ, ଅମାଦ ବଟ, ଆଜାନ ଅବୈସ ଏବଂ ମହମ୍ମଦ ଗାଜି ଘୋରି ହେଉଛନ୍ତି ଅଣକ୍ୟାପ ଖେଳାଳି ଯେଉଁମାନେ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି। ୨୭ ଏପ୍ରିଲରେ କରାଚୀରେ ଦଳ ଏକତ୍ରିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ତାଲିମ ଶିବିର ୧ ମଇ ପର୍ଯ୍ୟନ୍ତ ଚାଲିବ। ଦଳ ୨ ମଇରେ ବାଂଲାଦେଶ ଅଭିମୁଖେ ଯାତ୍ରା କରିବ। ଦୁଇ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ୮ ମଇରୁ ୧୨ ମଇ ପର୍ଯ୍ୟନ୍ତ ଶେର-ଏ-ବାଂଲା କ୍ରିକେଟ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ଟେଷ୍ଟ ମେ' ୧୬ ରୁ ୨୦ ମଇ ପର୍ଯ୍ୟନ୍ତ ସିଲହଟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ସୁଟ୍‌ଆଉଟ୍‌ରେ ଆର୍ଜେଣ୍ଟିନାକୁ ହରାଇଲା ଭାରତୀୟ ମହିଳା ହକି ଦଳ



**ବୁଏନସ୍ ଏରିସ୍**

ଶେଷ ମ୍ୟାଚ୍‌ରେ ଏକ ରୋମାଞ୍ଚକର ବିଜୟ ସହ ଭାରତୀୟ ମହିଳା ହକି ଦଳ ନିଜର ଆର୍ଜେଣ୍ଟିନା ଗସ୍ତ ଶେଷ କରିଛି। ଶୁକ୍ରବାର ଖେଳାଯାଇଥିବା ଶେଷ ମ୍ୟାଚ୍ ନିୟମିତ ସମୟରେ ଅମିମାଂସିତ ଭାବେ ଶେଷ ହେବା ପରେ ସୁଟ୍‌ଆଉଟ୍‌ରେ ଭାରତ ୩-୨ରେ ଘରୋଇ ଦଳକୁ ପରାସ୍ତ କରିଥିଲା।

ଏପ୍ରିଲ ୧୩ରୁ ଆରମ୍ଭ ହୋଇଥିବା ଏହି ଗସ୍ତର ପ୍ରଥମ ଦୁଇଟି ମ୍ୟାଚ୍ ଭାରତ ପାଇଁ ବେଶ କଷ୍ଟକର ଥିଲା। ଆର୍ଜେଣ୍ଟିନା ୧୩ ତାରିଖରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୪-୨ ଗୋଲ୍‌ରେ ଓ ୧୪ ତାରିଖରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା। ତେବେ ଏପ୍ରିଲ ୧୬ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୨-୧ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ବିଜୟ ସହ ଭାରତ ଏହି ଶୃଙ୍ଖଳାକୁ ୨-୨ରେ ଡ୍ର ରହିଛି।

ଦଳର ଏହି ବିଜୟ ସମ୍ପର୍କରେ ଅଧିନାୟିକ ନବନୀତ କୌର କହିଛନ୍ତି ଯେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ପରେ ଆମ ଦଳ ଯେପରି ଜବାବ ଦେଲା ସେଥିପାଇଁ ସେ ଗର୍ବିତ। ଆର୍ଜେଣ୍ଟିନା ପରି ଏକ ବିଶ୍ୱସ୍ତରୀୟ ଦଳ ବିପକ୍ଷରେ ୨-୦ରେ ପଛୁଆ ଥାଇ ପ୍ରତ୍ୟାବର୍ତ୍ତନ କରିବା ସହଜ କଥା ନୁହେଁ, କିନ୍ତୁ ଆମ ଦଳ ଦୃଢ ମନୋବଳ ଦେଖାଇଥିଲା। ଦୁଇଟି ଲଗାତାର ବିଜୟ ପ୍ରମାଣିତ କରୁଛି ଯେ ଆମେ ବଡ଼ ମଞ୍ଚର ଚାପ ସହିବାକୁ ପ୍ରସ୍ତୁତ।

# ଆସନ୍ତା ୨୧ରୁ ସୁବର୍ଣ୍ଣପୁରରେ ସିଏମ୍ ଟ୍ରଫି ୨୦୨୬

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ସିଏମ ଟ୍ରଫି ୨୦୨୬ ସମ୍ପର୍କିତ ପ୍ରସ୍ତୁତି ବୈଠକ ଶନିବାର ଦିନ ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ବୈଠକଟିକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଅଧକ୍ଷତା କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଏହାକୁ ପରିଚାଳନା କରିଥିଲେ। ବୈଠକରେ ଉପଜିଲ୍ଲାପାଳ ସୋନପୁର ସୌମ୍ୟରୂପା ରଥ, ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍‌ଡିପିଓ) କଲ୍ୟାଣୀ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସିଏମ ଟ୍ରଫି ୨୦୨୬ ଆସନ୍ତା ଏପ୍ରିଲ ୨୧ ଓ ପରବର୍ତ୍ତୀ ଦିନ ଅନୁଷ୍ଠିତ ହେବ। ସୁବର୍ଣ୍ଣପୁର ଜିଲ୍ଲାର



ସମସ୍ତ ୬ଟି ବ୍ଲକରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ। ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ଭଲିବଲ୍ ଓ ଖୋ-ଖୋ ୧୪ ବର୍ଷ ତଳ ସ୍ତରରେ ଏବଂ କବାଡ଼ି ୧୬ ବର୍ଷ ତଳ ସ୍ତରରେ ଆୟୋଜିତ ହେବ। ବୃଦ୍ଧି ପାଉଥିବା ତାପମାତ୍ରା ଓ ତୀବ୍ର ଗ୍ରୀଷ୍ମ ଦୃଷ୍ଟିରେ ରଖି କଡ଼ା ଏସଓପି ଅନୁସରଣ କରାଯିବ। ଖେଳଗୁଡ଼ିକୁ ପ୍ରାତଃକାଳୀନ ସମୟ ଏବଂ ସନ୍ଧ୍ୟା ୪ଟା ପରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି, ଯାହାଦ୍ୱାରା ଖେଳାଳିମାନେ ତାତିରୁ କିଛି ମାତ୍ରାରେ ରକ୍ଷା ପାଇବେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର କହିଥିଲେ, "ସିଏମ ଟ୍ରଫିର ସୁଚାରୁ ଓ ସୁରକ୍ଷିତ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି। ଖେଳାଳିମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବୈଠକରେ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଲଜିଷ୍ଟିକ୍ସ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ପ୍ରଶିକ୍ଷକ ନାଭାଲ ସିଂହଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ

# ସୁମିତଙ୍କ ଅଭିଯୋଗକୁ ସମର୍ଥନ କଲେ ନିରଜ ଚୋପ୍ରା

**ନୂଆଦିଲ୍ଲୀ**

ଯୁଗଳ ପାରାଅଲିମ୍ପିକ୍ସ (୨୦୨୦, ୨୦୨୪) ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଆଣ୍ଟିଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ପଠାଇଥିବା ଅଭିଯୋଗରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ପ୍ରଶିକ୍ଷକ ନାଭାଲ ସିଂହଙ୍କ ବିରୋଧରେ ମାନସିକ ନିର୍ଯାତନା ସହ ଗାଳିଗୁଲଜ କରିବା ଏବଂ ନିୟମିତ ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି।

ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ତଥା ଭାରତୀୟ ଜାଭଲିନ କିଂବଦନ୍ତି ନୀରଜ ଚୋପ୍ରାଙ୍କ ମଧ୍ୟ ସୁମିତଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି। ନାଭାଲଙ୍କ ବ୍ୟବହାର ଓ ଅଚାରବିଚାର ଖେଳାଳିଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ଏହା ସେମାନଙ୍କ କ୍ୟାରିୟର ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି କହିଛନ୍ତି ନୀରଜ। ସେହିଭଳି




ନାଭାଲ ଆମମାନଙ୍କ ପରିବାରକୁ ଗାଳିଗୁଲଜ କରି ପେସାଦର ସୀମାର ସବୁ ରେଖା ପାର କରି ଯାଇଛନ୍ତି ବୋଲି ସେ କହିଛନ୍ତି।

ଏଫ୍-୬୪ ବର୍ଗରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସର ପ୍ରମୁଖ ପଦକ ଦାବିଦାର ଆଣ୍ଟିଲ ନିଜ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି ଯେ ନାଭାଲ ଆମର ମାନସିକ ଶୋଷଣ କରି ଆସୁଛନ୍ତି। ମୋ ଓ ନୀରଜ ବିଷୟରେ ଖରାପ କଥା କହିଛନ୍ତି। ସେ ମାନସିକ ଭାବେ ଅସ୍ଥିର ବୋଲି ମୋର ହୃଦୟଙ୍ଗମ ହୁଏ। ବିଗତ କିଛି ଦିନ ହେବ ଏହାର ମାତ୍ରା ବଢ଼ି ଚାଲିଛି। ଏପରିକି ଆମକୁ ଗାଳିଗୁଲକ କରିବାର ଭିଡିଓ ଉତ୍ତୋଳନ କରି ପ୍ରବନ୍ଧକମାନଙ୍କ ପାଖକୁ ବି ପଠାନ୍ତି। ଏଣୁ ବାଧହୋଇ ମୁଁ ସାଇର ଦ୍ୱାରସ୍ଥ ହୋଇଛି। ନୀରଜ ମଧ୍ୟ ମୋତେ ଏହି କ୍ଷେତ୍ରରେ ସମର୍ଥନ କରିଛନ୍ତି।

ସୁମିତଙ୍କଠାରୁ ଅଭିଯୋଗ ପାଇଥିବା ସ୍ପଷ୍ଟ କରିଛି ସାଇ। ସେହିଭଳି ନାଭାଲ ଆମ ନିଯୁକ୍ତି ତାଲିକାରେ ନାହାନ୍ତି। ତାଙ୍କୁ ଜାତୀୟ ପ୍ରଶିକ୍ଷଣ ଶିବିର ଲାଗି ଭାରତୀୟ ଦୌଡ଼କୁଦ ସଂଘ ନିଯୁକ୍ତି ଦେଇଛି। ଏଣୁ ଏଫ୍‌ଆଇକୁ ଅଭିଯୋଗ ପଠାଇ ଦିଆଯାଇଛି ବୋଲି କହିଛି। ନାଭାଲ ୨୦୧୫ ମସିହାରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଥିଲେ। ସଂପ୍ରତି ସେ ଅନ୍ୟତମ ଭାରତୀୟ ଜାଭଲିନ୍ ତାରକା ସଚିନ ଯାଦବଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ନୀରଜ (୮)ଙ୍କୁ ପଛରେ ପକାଇ ସଚିନ ଚତୁର୍ଥ ସ୍ଥାନରେ ରହିଥିଲେ। ଏପର୍ଯ୍ୟନ୍ତ କିନ୍ତୁ ସେ ଏହି ମାମଲାରେ ନିଜ ପକ୍ଷ ରଖି ନାହାନ୍ତି। ତେବେ ଅଭିଯୋଗ ପାଇବା ପରେ ମଧ୍ୟ ସାଇ ଚୁପ୍‌ଚାପ୍ ବସିଥିବାରୁ ସୁମିତ ଘୋର ଅସନ୍ତୋଷ ଜାହିର କରିଛନ୍ତି।

# ଚେନ୍ନାଇ ସୁପର କିଙ୍ଗ୍‌ସକୁ ୧୦ ରନ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍

**ହାଇଦ୍ରାବାଦ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ୨୭ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ୧୦ ରନ୍‌ରେ ପରାସ୍ତ କରିଛି।

୧୯୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା। ଦଳକୁ ସ୍କୋର ୧୫ ରନ୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ବିସ୍ଫୋରକ ବ୍ୟାଟର ସଞ୍ଜୁ ସାମସନ୍ ୩ଟି ବଲ୍ ଖେଳି ଗୋଟିଏ ଛକା ବଳରେ ୭ ରନ୍ କରି ଆଉଟ୍ ହୋଇଥିଲେ। ଆୟୁଷ ମାହତ୍ରେ ବ୍ୟକ୍ତିଗତ ଭାବେ ୩୦ ରନ୍ କରିଥିଲେ। ସେ ୧୩ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୧୯ ରନ୍ କରିଥିଲେ। ସେ ୧୩ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ। ସର୍ଫରାଜ ଖାନ ୨୫ ରନ୍ କରି




ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୧୯ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଚୌକା ମାରିଥିଲେ।

ଚେନ୍ନାଇ ଏଠାରେ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଲା ପରେ ଈଶାନ କିଶନଙ୍କ ଦଳ ବ୍ୟାଟିଂ କରିଥିଲା। ଅଭିଷେକ ଶର୍ମା ଏବଂ ହେନ୍‌ରିକ୍ କ୍ଲାସେଁଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୯୪ ରନ୍ କରିଥିଲା। ଆରମ୍ଭରୁ ହାଇଦ୍ରାବାଦ୍‌ର ଭଲ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ପ୍ରଥମ ୱିକେଟ ପାଇଁ ୭୫ ରନ୍‌ର ଭାଗିଦାରୀ କରିଥିଲେ। ହେଡ୍ ୨୦ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୩ ରନ୍ ସଂଗ୍ରହ କରିଥିଲେ। ସେ ଆଉଟ୍ ହେଲା ପରେ ତାଙ୍କ ସ୍ଥାନ ପୂରଣ କିବାକୁ ଆସିଥିଲେ ଅଧିନାୟକ ଈଶାନ କିଶନ। କିନ୍ତୁ ସେ ମାତ୍ର ଗୋଟିଏ ବଲ୍ ସାମ୍ନା କରି ଖାତା ଖୋଲିପାରି ନପାରି ମୁକେଶ ଚୌଧୁରୀଙ୍କ ବଲ୍ ଋତୁରାଜ ଗାଏକ୍ୱାର୍ଡଙ୍କୁ ଦେଇ ଆଉଟ ହୋଇଥିଲେ।

ଚେନ୍ନାଇର ତୃତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା। ଆଉଟ ହେବା ପୂର୍ବରୁ ଅଭିଷେକ ୨୨ଟି ବଲ୍‌ର ସାମ୍ନା କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୪ଟି ଛକା ମାରି ବ୍ୟକ୍ତିଗତ ଭାବେ ୫୯ ରନ୍ ଯୋଡ଼ିଥିଲେ। ଅଭିଷେକ ଆଉଟ୍ ହେଲା ବେଳକୁ ହାଇଦ୍ରାବାଦ୍‌ର ସ୍କୋର ୯୩ ରନ୍ ଥିଲା। ଅନିକେତ ବର୍ମା ୨ ରନ୍, ନୀତୀଶ କୁମାର ରେଡ୍ଡୀ ୧୨ ରନ୍ ଏବଂ ସଲିଲ ଅରୋରା ୧୩ ରନ୍ ସଂଗ୍ରହ କରିଥିଲେ। ହେନ୍‌ରିକ୍ କ୍ଲାସେଁ ୩୯ଟି ବଲ୍‌ର ସାମ୍ନା କରି ୫୯ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଆନ୍ତଃ ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ସୁରକ୍ଷା ବିଭାଗ ଚାମ୍ପିଅନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ ଦ୍ୱାରା ଆୟୋଜିତ "ଆନ୍ତଃ ବିଭାଗୀୟ ଦିବା-ରାତ୍ର କ୍ରିକେଟ୍ ପ୍ରତିଯୋଗିତା-୨୦୨୬" ସଫଳତାର ସହ ଶେଷ ହୋଇଛି। ଫାଇନାଲ୍ ମ୍ୟାଚ୍ ସୁରକ୍ଷା (ଆର.ପି.ଏଫ୍) ବିଭାଗ ଏବଂ ପରିଚାଳନା ବିଭାଗ ମଧ୍ୟରେ ଖେଳା ଯାଇଥିଲା, ଯେଉଁଥିରେ ସୁରକ୍ଷା (ଆର.ପି.ଏଫ୍) ବିଭାଗ ୩ଟି ୱିକେଟ୍ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ଏହି ପ୍ରତିଯୋଗିତା ୦୨.୦୪.୨୦୨୬ ତାରିଖରେ ଖୋର୍ଦ୍ଧା ରୋଡ୍ ରେଳବାଇ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ରୋଡ୍ ଡିଭିଜନର ମୋଟ ୧୨ଟି ବିଭାଗ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ମୋଟ ୩୦ଟି ଲିଗ୍ ମ୍ୟାଚ୍ ଏବଂ ୨ଟି ସେମିଫାଇନାଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକର ଥିଲା। ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ବିଜେତା ଓ ଉପବିଜେତା




ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ବିଭିନ୍ନ ବ୍ୟକ୍ତିଗତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ବାଣିଜ୍ୟ ବିଭାଗର ପି. ରବି କିରଣ 'ମ୍ୟାନ୍ ଅଫ୍ ଦି ସିରିଜ୍' ପୁରସ୍କାର ଅର୍ଜନ କରିଥିଲେ। ସୁରକ୍ଷା(ଆର.ପି.ଏଫ୍) ବିଭାଗର ପି.କେ. ସାହୁଙ୍କୁ ଫାଇନାଲ୍ ମ୍ୟାଚ୍‌ର 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଦିଆଯାଇଥିଲା। ପରିଚାଳନା ବିଭାଗର ଜ୍ୟୋତି ରଞ୍ଜନ ସେଠୀ 'ଶ୍ରେଷ୍ଠ ବୋଲର' ଭାବେ ସମ୍ମାନିତ ହୋଇଥିଲେ। ବୈଦ୍ୟୁତିକ ବିଭାଗର ଏସ୍.କେ. ବାରିକ 'ଶ୍ରେଷ୍ଠ ଫିଲ୍ଡର' ଏବଂ ଇଞ୍ଜିନିୟରିଂ ବିଭାଗର ଅଶୋକ ମହାନ୍ତି 'ଶ୍ରେଷ୍ଠ ବ୍ୟାଟ୍‌ସମାନ୍' ପୁରସ୍କାର ଅର୍ଜନ କରିଥିଲେ। ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା), ରାଜଧାରୀ ଯାଦବ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଫାଇନାଲ୍ ମ୍ୟାଚ୍ ସମୟରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଅନିଲ କୁମାର ଏସ୍., କ୍ରୀଡ଼ା ଅଧିକାରୀ ଓ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ସମସ୍ତ ମ୍ୟାଚ୍ ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ୍, ସହ ସାଧାରଣ ସମ୍ପାଦକ ଜେ.ଏସ୍. ପାତ୍ର ଏବଂ ସେମାନଙ୍କ ଦଳଙ୍କ ଦ୍ୱାରା ସୁଚାରୁ ଭାବେ ସଂଚାଳିତ ହୋଇଥିଲା।

# ବ୍ରେଣ୍ଡନ ମ୍ୟାକକୁଲମ ହେବେ କେକେଆରର ପ୍ରଶିକ୍ଷକ : କେଭିନ ପିଟରସନ

**ନୂଆଦିଲ୍ଲୀ**

କୋଲକାତା ନାଇଟ ରାଇଡର୍ସ (କେକେଆର) ୨୦୨୬ ଆଇପିଏଲ ସିଜିନରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସଙ୍କଟର ସମ୍ମୁଖୀନ ହେଉଛି। ଶୁକ୍ରବାର ଦଳ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ପାଞ୍ଚ ୱିକେଟରେ ପରାଜୟ ବରଣ କରିଛି। ଏହା ଶେଷ ଛଅଟି ମ୍ୟାଚ୍‌ରେ କେକେଆରର ପଞ୍ଚମ ପରାଜୟ। ଏହି ନିରାଶାଜନକ ପରାଜୟ ପରେ, ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସନ ଫ୍ରାଞ୍ଚାଇଜର ଭବିଷ୍ୟତ ସମ୍ପର୍କରେ ଏକ ସାହସିକ ଭବିଷ୍ୟବାଣୀ କରିବାକୁ ସୋସିଆଲ ମିଡିଆରେ ଯାଇଥିଲେ। ସେ ବିଶ୍ୱାସ କରନ୍ତି ଯେ ପ୍ରଶିକ୍ଷକ ଅଭିଷେକ ନାୟାରଙ୍କ ପାଇଁ ଅଧିକ ସମୟ ତାଙ୍କ ପଦବୀରେ ରହିବା କଷ୍ଟକର ହେବ, ଯାହା ସୂଚାଇ ଦେଉଛି ଯେ ଫ୍ରାଞ୍ଚାଇଜ ମାଲିକମାନେ ତାଙ୍କୁ ଛାଡ଼ିଦେବେ।

ପିଟରସନଙ୍କ ପୋଷ୍ଟ କ୍ରିକେଟ ଜଗତରେ ଏକ ଉଷ୍ମ ବିତର୍କ ସୃଷ୍ଟି କରିଛି। ତିନିଥର ଚାମ୍ପିଅନ ଦଳ ଏବେ ବି ସିଜିନର ପ୍ରଥମ ବିଜୟ ଖୋଜୁଛି। ଏକ୍ସ (ପୂର୍ବ ଟୁଇଟର)ରେ, ପିଟରସେନ ଲେଖିଛନ୍ତି, 'ବ୍ରେଣ୍ଡନ ମ୍ୟାକକୁଲମ ପରବର୍ତ୍ତୀ ସିଜିନରେ




କେକେଆରର ପ୍ରଶିକ୍ଷକ ହେବେ। ଏହି ଟୁଇଟକୁ ସେଭ କରନ୍ତୁ।'

ତାଙ୍କର ବୟାନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦ୍ରୁତ ଗତିରେ ଭାଇରାଲ ହୋଇଛି। ଅଭିଯାନରେ ଦଳର ନୈରାଶ୍ୟଜନକ ଆରମ୍ଭ ପରେ କେକେଆର ପ୍ରଶଂସକମାନେ ନିରନ୍ତର ଉତ୍ତର ଖୋଜୁଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ଦଳରେ ପ୍ରଚୁର ପ୍ରତିଭା ଥିଲେ ମଧ୍ୟ, ସ୍କୋରବୋର୍ଡରେ ସେହି ସମ୍ଭାବନାକୁ ପଏଣ୍ଟରେ ପରିଣତ କରିବାରେ ବିଫଳ ହୋଇଛି।

ତିନିଥର ଚାମ୍ପିଅନ କେକେଆର ବର୍ତ୍ତମାନ ଆଇପିଏଲ ଇତିହାସରେ ସବୁଠାରୁ ଖରାପ ଆରମ୍ଭ କରୁଛି। ଛଅଟି ମ୍ୟାଚ୍ ପରେ ମଧ୍ୟ, କେକେଆର ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ଦଳ ଭାବରେ ଏପର୍ଯ୍ୟନ୍ତ ଗୋଟିଏ ବି ବିଜୟ ହାସଲ କରିପାରିନାହିଁ। ଦଳ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଅଛି; ସେମାନଙ୍କର ଏକମାତ୍ର ପଏଣ୍ଟ ବର୍ଷା ଯୋଗୁ ଧୋଇଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରୁ ଆସିଛି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ସମ୍ପ୍ରତିକ ମ୍ୟାଚ୍‌ରେ, କ୍ୟାମେରନ ଗ୍ରୀନଙ୍କ ୭୯ ରନର ଚମତ୍କାର ଇନିଂସ ସତ୍ତ୍ୱେ, ଦଳ ବିଜୟ ହାସଲ କରିପାରିଲା ନାହିଁ, କାରଣ ଶୁବମନ ଗିଲଙ୍କ ଦଳ ଦୁଇଟି ବଲ ବାକି ଥାଇ ୧୮୧ ରନର ଟାର୍ଗେଟକୁ ସଫଳତାର ସହ ପିଛା କରିଥିଲା।

ବର୍ତ୍ତମାନ, ଦଳ ମୁଖ୍ୟ ପ୍ରଶିକ୍ଷକ ଅଭିଷେକ ନାୟାର ଏବଂ ଅଧିନାୟକ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଚାଲିଛି। ଉଭୟଙ୍କ ଦ୍ୱାରା ନିୟୋଜିତ ରଣନୀତି ସମ୍ପର୍କରେ ନିରନ୍ତର ପ୍ରଶ୍ନ ଉଠାଯାଉଛି। ଡ୍ୱେନ ବ୍ରାଭୋ ଏବଂ ଶେନ ୱାଟସନଙ୍କ ଭଳି ବଡ଼ ନାମ ଥିବା ସତ୍ତ୍ୱେ, ଦଳ ଏକ ବିଜୟୀ ଫର୍ମୁଲା ଆବିଷ୍କାର କରିପାରିନାହିଁ। ସମାଲୋଚକମାନେ ଯୁକ୍ତି ଦେଉଛନ୍ତି ଯେ ଡଗ ଆଉଟରେ ଜଣେ ଦୃଢ଼ ପରାମର୍ଶଦାତାଙ୍କ ଅନୁପସ୍ଥିତି ସ୍ପଷ୍ଟ ଭାବରେ ସ୍ପଷ୍ଟ ହେଉଛି – ବିଶେଷକରି ଗୌତମ ଗମ୍ଭୀରଙ୍କ ବିଦାୟ ପରେ, ଯିଏ ୨୦୨୪ରେ ଦଳକୁ ତୃତୀୟ ଚାମ୍ପିଅନସିପ ଟାଇଟଲ ଦେଇଥିଲେ।

ପିଟରସନଙ୍କ ଭବିଷ୍ୟବାଣୀ ପରେ ଆଲୋଚନା ନିଶ୍ଚିତ ଭାବରେ ତୀବ୍ର ହୋଇଛି, ବର୍ତ୍ତମାନ ପାଇଁ ଏହା କେବଳ ଅନୁମାନ। ମ୍ୟାକକୁଲମ ବର୍ତ୍ତମାନ ୨୦୨୭ ପର୍ଯ୍ୟନ୍ତ ଇଂଲଣ୍ଡର ସମସ୍ତ ଫର୍ମାଟ ମୁଖ୍ୟ ପ୍ରଶିକ୍ଷକ ଭାବରେ ଚୁକ୍ତିବଦ୍ଧ ଅଛନ୍ତି। କେକେଆରର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି – ଏବଂ ଦଳର ଆକ୍ରମଣାତ୍ମକ ପରିଚୟକୁ ପୁନରୁଦ୍ଧାର କରିବାର ଆବଶ୍ୟକତା – ମ୍ୟାକକୁଲମଙ୍କ ପ୍ରତ୍ୟାବର୍ତ୍ତନ ବିଷୟରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ହେଉଛି। କିନ୍ତୁ ବର୍ତ୍ତମାନ ପାଇଁ ଦଳକୁ ଏହାର ଆଗାମୀ ମ୍ୟାଚ୍ ଉପରେ ଧ୍ୟାନ ଦେବାକୁ ପଡ଼ିବ, ଯେଉଁଠାରେ ଏହା ଇଡେନ ଗାର୍ଡେନ୍ସରେ ରାଜସ୍ଥାନ ରୟାଲ୍ସ ସହିତ ମୁକାବିଲା କରିବାକୁ ଯାଉଛି।

# ବାପା ହେଲେ ଷ୍ଟାର ଅଲରାଉଣ୍ଡର ରଶିଦ ଖାନ



**ନୂଆଦିଲ୍ଲୀ**

ଆଫଗାନିସ୍ତାନ ଓ ଗୁଜରାଟ ଟାଇଟନ୍ସ (ଜିଟି) ଷ୍ଟାର ଅଲରାଉଣ୍ଡର ରଶିଦ ଖାନ ଶନିବାର ଏକ ପୁତ୍ର ସନ୍ତାନର ପିତା ହୋଇଛନ୍ତି।

ରଶିଦ ସୋସିଆଲ ମିଡିଆରେ ଏକ ପୋଷ୍ଟ ଜରିଆରେ ଏ ନେଇ ସୂଚନା ଦେବା ସହ ପୁଅର ନାମ ଘୋଷଣା କରିଛନ୍ତି। 'ଅଲହାମ ଦୁଲିଲା, ମୋ ରାଜକୁମାରଙ୍କୁ ବିଶ୍ୱକୁ ସ୍ୱାଗତ' ବୋଲି ରଶିଦ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ସହିତ ପୋଷ୍ଟ କରିଛନ୍ତି। ଉକ୍ତ ଫଟୋରେ ତାଙ୍କ ପୁଅର ନାମ ଅଜଲାନ ଖାନ ପ୍ରକାଶ କରିଛନ୍ତି।







ଭୁବନେଶ୍ୱର : ପ୍ରମୁଖ ଓଡ଼ିଆ ଦୈନିକ ସମ୍ବାଦ ପତ୍ର 'ସମ୍ବାଦ କଳିକା'ର ବାର୍ତ୍ତା ସମ୍ପାଦକ ସ୍ୱର୍ଗତ ଏସ୍.ଏ. କଲିମ୍‌ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହର୍ମୁଜ ପ୍ରଣାଳୀ...

ପ୍ରଣାଳୀ ବନ୍ଦ ଯୋଗୁଁ ବିଶ୍ୱ ଶକ୍ତି ସଙ୍କଟ ଦେଇ ଗତି କରୁଛି।

ଅନ୍ୟପକ୍ଷରେ ପଶ୍ଚିମ ଏସିଆରେ ଯୁଦ୍ଧ ବନ୍ଦ କରିବାକୁ ପୁଣି ଥରେ କୂଟନୈତିକ ପ୍ରୟାସ ଜୋରଦାର ଚାଲିଛି। ଆସନ୍ତା ସୋମବାର ଇରାନ ଓ ଆମେରିକା ମଧ୍ୟରେ ଇସଲାମାବାଦଠାରେ ପୁଣି ଥରେ ଆଲୋଚନା ଆରମ୍ଭ ହେବ ବୋଲି ସିଏନ୍‌ଏନକୁ ଇରାନର ଜଣେ ଅଧିକାରୀ ସୂଚନା ଦେଇଥିବାବେଳେ ପ୍ରତିନିଧି ଦଳ ଏଥିପାଇଁ ରବିବାର ପାକିସ୍ତାନ ଗସ୍ତ କରିବ ବୋଲି ଜଣାପଡିଛି ।

## ଆତଙ୍କବାଦୀ ଲିଙ୍କ୍ ...

ଲାଲକିଲ୍ଲାର ଫଟୋ ସମେତ ଆପତ୍ତିଜନକ ପୋଷ୍ଟ ମଧ୍ୟ ସେୟାର କରିଥିଲେ। ସମସ୍ତ ଚାରି ଅଭିଯୁକ୍ତ ସାଧାରଣ ପରିବାରରୁ ଆସିଛନ୍ତି ଏବଂ ଅଧିକାଂଶ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସ୍ୱତନ୍ତ୍ର ସେଲ୍ ସେମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା ୨୦୨୩ର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି। ଦିଲ୍ଲୀ ପୋଲିସ୍ ସେମାନଙ୍କଠାରୁ ଆଇଇଡି ତିଆରି ସାମଗ୍ରୀ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଛି ଏବଂ ତଦନ୍ତ ଜାରି ରହିଛି।

## ୪୦ ଡିଗ୍ରୀ ...

ସମ୍ବଲପୁର, ନୂଆପଡା, ଝାରସୁଗୁଡା, ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୨୦ ତାରିଖରୁ ସ୍କୁଲ ଛୁଟି ଘୋଷଣା ହୋଇଛି। ପ୍ରବଳ ଖରାକୁ ଆଖି ଆଗରେ ରଖି ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି। ଏସବୁ ଜିଲ୍ଲାରେ ଅଙ୍ଗନୱାଡି କେନ୍ଦ୍ର ଓ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍କୁଲ , କଲେଜ ଗୁଡିକ ବନ୍ଦ ରହିବ। କିନ୍ତୁ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ଗୁଡିକ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ବୌଦ୍ଧରେ ୫ ଦିନ ଯାଏଁ ସ୍କୁଲ ଓ କଲେଜ ଛୁଟି କରାଯାଇଛି। ଶନିବାର ଠାରୁ ୨୨ ତାରିଖ ଯାଏଁ ସ୍କୁଲ, କଲେଜ ଛୁଟି ଘୋଷଣା କରାଯାଇଛି। ପ୍ରବଳ ଖରା ଓ ଅସହ୍ୟ ଗରମ କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ପରୀକ୍ଷା ଗୁଡିକ ବନ୍ଦ ହେବନାହିଁ, ସକାଳ ସମୟରେ ହେବ ବୋଲି କୁହାଯାଇଛି।

## ଟ୍ରମ୍ପଙ୍କ ଚେତାବନୀ...

ଏହି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସହିତ ସଂଘର୍ଷ ସମାପ୍ତ କରିବା ପାଇଁ ଏକ ଚୁକ୍ତି "ଅତ୍ୟନ୍ତ ନିକଟତର", ଯେତେବେଳେ ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହି ଯୁଦ୍ଧବିରତିକୁ ସ୍ୱାଗତ କରି ଏହାକୁ ଆଞ୍ଚଳିକ ସଂଘର୍ଷକୁ ରୋକିବା ପାଇଁ ୱାଶିଂଟନ ସହିତ କରାଯାଉଥିବା ବ୍ୟାପକ ପ୍ରୟାସର ଏକ ଅଂଶ ଭାବରେ ବର୍ଣ୍ଣନା କରିଛି।

ଇରାନ ଏକ ଶାନ୍ତି ଚୁକ୍ତି ବଦଳରେ ସମୃଦ୍ଧ ୟୁରାନିୟମର ଭଣ୍ଡାର ହସ୍ତାନ୍ତର କରିବାକୁ ରାଜି ହୋଇଥିବା ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିଛି। ତେହେରାନ କହିଛି ଯେ ଆଲୋଚନା ଏପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ଅଛି ଏବଂ ଶେଷ ହେବାକୁ ସପ୍ତାହ ଲାଗିପାରେ।

## ବଦଳିଲା ରାଜ୍ୟ ...

ପରିଷଦରେ ରାଜ୍ୟ ଉନ୍ନୟନ କମିଶନର ସଦସ୍ୟ ସଚିବ ରହିବେ। ଜଣେ ବରିଷ୍ଠ ଆଇଏଏସ୍‌ଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ମିଳିବ। ଏଥିସହିତ ବିଭିନ୍ନ ବିଭାଗରୁ ୯ ଜଣ ପଦାଧିକାରୀ ମଧ୍ୟ ସଦସ୍ୟ ରହିବେ। ପ୍ରତିଷ୍ଠିତ ଅନୁଷ୍ଠାନର ୨ ବିଶେଷଜ୍ଞଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯିବ।

## ସୋମବାର ପୁଣିଥରେ...

କରାଯାଇଥିଲା। ଇରାନର ବୈଦେଶିକ ମନ୍ତ୍ରୀ ଏହାକୁ ବାଣିଜ୍ୟିକ ଜାହାଜ ପାଇଁ ଖୋଲା ଘୋଷଣା କରିଥିଲେ, ଯେତେବେଳେ ଇରାନ ସଂସଦର ବାଚସ୍ପତି ଚେତାବନୀ ଦେଇଥିଲେ ଯେ, ଯଦି ଆମେରିକା ଏହି ଅଞ୍ଚଳରେ ଏହାର ନୌସେନା ଅବରୋଧ ଉଠାଇ ନଥାଏ ତେବେ ଏହି ପ୍ରଣାଳୀ ପୁଣି ବନ୍ଦ ହୋଇପାରେ। ଆଞ୍ଚଳିକ କୂଟନୈତିକ ସ୍ତରରେ ମଧ୍ୟ ଉଷ୍ମତା ବୃଦ୍ଧି ପାଇଛି। କାତାରର ଆମୀର ଶେଖ୍ ତାମିମ୍ ବିନ୍ ହମାଦ୍ ଅଲ୍ ଥାନି ଏବଂ ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଡୋଗାନ୍ ଆଣ୍ଟାଲିଆ କୂଟନୀତି ଫୋରମ୍ ଅବସରରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଭେଟିଥିଲେ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ଏବଂ କୂଟନୈତିକ ସମାଧାନକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ ଉପରେ ଆଲୋଚନା କରାଯାଇଥିଲା।

## ମହିଳା ଅଧିକାରରେ...

ମହିଳାମାନଙ୍କୁ ସମାନ ଭାବରେ ସଶକ୍ତ କରିବାର ଏକ ପ୍ରୟାସ ଥିଲା। ଦେଶର ଅଧିକାଂଶ ସ୍ଥାନରେ କଂଗ୍ରେସ ତା'ର ଉପସ୍ଥିତି ହରାଇଛି। ଆମେ ବିଲ୍ ପାସ୍ କରିବା ପାଇଁ ଆବଶ୍ୟକୀୟ ୬୬ପ୍ରତିଶତ ଭୋଟ୍ ପାଇଲୁ ନାହିଁ କିନ୍ତୁ ମୁଁ ଜାଣେ ଆମକୁ ଏହି ଦେଶର ୧୦୦ପ୍ରତିଶତ ମହିଳାଙ୍କ ସମର୍ଥନ ମିଳିଛି ବୋଲି ମୋଦୀ କହିଛନ୍ତି।

## ୨୦୩୬ ସୁଦ୍ଧା...

ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସରକାର, ଏଆଇ ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସିଉଟିକାଲ ଭଳି ନ୍ୟୁ ଇକୋନୋମି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଥିଲେ।

ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର ପ୍ଲଗ୍ ଆଣ୍ଡ ପ୍ଲେ ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତ୍ତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ।

ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏମଏସଏମଇ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟ ସରକାର ସହଜରେ ଏମଏସଏମଇ ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ।

କାର୍ଯ୍ୟକ୍ରମ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟ ସରକାରଙ୍କ ଏମଏସଏମଇ ପ୍ରତି ଥିବା ଆନ୍ତରିକତାକୁ ପ୍ରଶଂସା କରି କହିଥିଲେ ଯେ ଏମଏସଏମଇ ଇଣ୍ଡଷ୍ଟ୍ରି ବସେଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୱେ-ଟ୍ରାକ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବଜେଟ୍ ଅଧିବେଶନ ...

ବିଧେୟକ ଉପସ୍ଥାପନ କରାଯାଇଥିଲା, ଯେଉଁଥିରୁ ୯ଟି ବିଧେୟକ ପାରିତ ହୋଇଥିଲା। ଏହାବ୍ୟତୀତ ଗୃହରେ ସାର୍ବଜନୀନ ଗୁରୁତ୍ୱ ବହନ କରୁଥିବା ୩୨୬ଟି ପ୍ରସଙ୍ଗ ଉଠାଯାଇଥିଲା ଏବଂ ନିୟମ ୩୭୭ ଅଧୀନରେ ୬୫୦ଟି ମାମଲା ଉପସ୍ଥାପନ କରାଯାଇଥିଲା। ଓମ୍ ବିର୍ଲା ସୂଚନା ଦେଇଥିଲେ ଯେ, ଅଧିବେଶନରେ ୧୨୬ଟି ତାରକାଚିହ୍ନିତ ପ୍ରଶ୍ନର ମୌଖିକ ଉତ୍ତର ଦିଆଯାଇଥିଲା। ଆହୁରି ମଧ୍ୟ, ସଂସଦୀୟ କମିଟିଗୁଡ଼ିକ ଦ୍ୱାରା ୭୩ଟି ରିପୋର୍ଟ ଦାଖଲ କରାଯାଇଥିଲା ଏବଂ ମୋଟ୍ ୨୦୮୯ଟି ଦସ୍ତାବିଜ୍ ଗୃହର ଟେବୁଲରେ ରଖାଯାଇଥିଲା।

# ବର୍ତ୍ତମାନ ଆଇନ୍ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବହୁବିଧ କ୍ୟାରିୟରର ସୁଯୋଗ ରହିଛି : ଆଇନ୍ ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆଇନ୍ ଛାତ୍ରଛାତ୍ରୀମାନେ ଯଦି ନିଜ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବେ ତେବେ ନିଜର ସଫଳ କ୍ୟାରିୟର ନିମନ୍ତେ ସେମାନଙ୍କ ନିକଟରେ ଅନେକ ବିକଳ୍ପ ରହିଛି ବୋଲି ଶନିବାର ଓଡ଼ିଶା ସରକାରଙ୍କ ଆଇନ୍ ଓ ପୂର୍ତ୍ତ ବିଭାଗମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ବୃତ୍ତିରେ ପରିଣତ ହୋଇସାରିଥିବା ବେଳେ ଛାତ୍ରଛାତ୍ରୀମାନେ ଖୁବ୍ ଯତ୍ନବାନ ହୋଇ ନିଜ କ୍ୟାରିୟର ନିମନ୍ତେ ଯୋଜନା କରନ୍ତୁ। କାରଣ ସେମାନଙ୍କ ନିକଟରେ କୋର୍ଟରେ ଓକିଲାତି କରିବା ସହ ନ୍ୟାୟିକ ଅଧିକାରୀ ହେବାରେ ମଧ୍ୟ ବିକଳ୍ପ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଜାତୀୟ ଯୁବ ସଂସଦ - 'ଲୋକ ସମ୍ବାଦ-୨୦୨୬'ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ୍‌ମନ୍ତ୍ରୀ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼ ଏବଂ ଦିଲ୍ଲୀରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଶ୍ରୀ ହରିଚନ୍ଦନ କହିଥିଲେ ଯେ ବିଗତ କିଛି ବର୍ଷ ହେବ ଆଇନ ବୃତିରେ ବିଶାଳ ପରିବର୍ତ୍ତନ ଘଟିଛି ଏବଂ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ଆଇନ ଶିକ୍ଷାରେ ସୁପର ସ୍ପେଶିଆଲିଟି କୋର୍ସ ନିମନ୍ତେ ଅଧିକ ମନ ବଳାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ପ୍ରଶାସନକୁ ସହଯୋଗ କରିବା ନିମନ୍ତେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦେଉଛନ୍ତି। ଆଇନ୍ ମହାବିଦ୍ୟାଳୟ ଗୁଡ଼ିକରେ ସାଧାରଣତଃ ମୁଟ କୋର୍ଟ୍‌ର ଆୟୋଜନ କରାଯାଉଥିବା ବେଳେ ଯୁବ ସଂସଦ କାର୍ଯ୍ୟକ୍ରମ ଖୁବ ବିରଳ। ତେଣୁ ଏଭଳି କାର୍ଯ୍ୟକ୍ରମ ପାଇଁ ସେ ସୋଆକୁ ଶୁଭେଚ୍ଛା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ନିଜ ବକ୍ତବ୍ୟରେ କହିଥିଲେ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସୋଆ ଶିକ୍ଷା କ୍ଷେତ୍ରରେ ଖୁବ୍ ଉଚ୍ଚକୁ ଉଠିଛି। ଉଲ୍ଲେଖ୍ୟଯୋଗ୍ୟ ଯେ ସୋଆର ଆଇନ୍ ମହାବିଦ୍ୟାଳୟ ଏସ୍‌ଏନ୍‌ଆଇଏଲ୍ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ୍) ର୍‍ୟାଙ୍କିଙ୍ଗସ୍‌ରେ ସାରା ଦେଶରେ ୧୦ମ ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ଏସଏନଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ପୁରସ୍କାର ପ୍ରଦାନ କରିଥିଲେ।




# ଲୋକ ଭବନର ସୁରକ୍ଷା ନେଇ ରାଜ୍ୟପାଳଙ୍କ ସହ ଆଲୋଚନା କଲେ ପୁଲିସ କମିଶନର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୁଲିସ କମିଶନର ଏସ୍. ଦେବ ଦତ ସିଂହ,ଶନିବାର ଦିନ ଲୋକ ଭବନରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ୍ କରିଥିଲେ। ଆଲୋଚନାରେ ବର୍ତ୍ତମାନ ଲୋକ ଭବନରେ ରହିଥିବା ସୁରକ୍ଷା ଓ ପ୍ରୋଟୋକଲ ବ୍ୟବସ୍ଥା ସହିତ ତାହାର ମୂଲ୍ୟାଙ୍କନ କରି ଆବଶ୍ୟକ ଉନ୍ନତି କରିବାର ପ୍ରୟୋଜନୀୟତା ବିଷୟରେ ଚର୍ଚ୍ଚା ହୋଇଥିଲା। ଲୋକ ଭବନ ପରିସରର ସୁରକ୍ଷା ପାଇଁ ନୂତନ ଟେକ୍ନୋଲୋଜିର ବ୍ୟବହାର ଓ ସମ୍ପୂର୍ଣ୍ଣ ପ୍ରୋଗ୍ରାମ ଏବଂ ପ୍ରୋଟୋକଲ ପରିଚାଳନା ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

# ସିଆଇଏସ୍‌ଏଫ୍ ଏସ୍‌ବିଆଇ ଯୋନୋ ଆଭିଏସନ କପ୍-୨୦୨୬ ବିଜୟୀ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଶାଖା ପକ୍ଷରୁ ବିମାନ ବନ୍ଦର ଗ୍ରାଉଣ୍ଡରେ ତା ୧୦/୦୪/୨୦୨୬ରୁ ୧୮/୦୪/୨୦୨୬ ପର୍ଯ୍ୟନ୍ତ ଏସ୍‌ବିଆଇ ଯୋନୋ ଆଭିଏସନ କପ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୋଟ୍ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ଏଏଆଇ ଓ ସିଆଇଏସ୍‌ଏଫ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଏଆଇ ପ୍ରଥମେ ବ୍ୟାଟିଂ କରି ୧୧.୫ ଓଭରରେ ୧୦୧ ରନ୍ ସଂଗ୍ରହ କରିଥିଲା। ଏହାର ପ୍ରତି ଯବାବ୍‌ରେ ସିଆଇଏସ୍‌ଏଫ୍ ୭.୩ ଓଭରରେ ୩ ୱିକେଟ୍ ହରାଇ ୧୦୩ରନ୍ ସଂଗ୍ରହ କରିଥିଲା। ସିଆଇଏସ୍‌ଏଫର ନବୀନ ରାଓ୍ୱତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିବା ବେଳେ ଏଏଆଇର ରୋଶନ ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଛନ୍ତି। ଏସ୍‌ବିଆଇ ଭୁବନେଶ୍ୱର ଶାଖାର ଡିଜିଏମ୍ ପ୍ରଶାନ୍ତ କୁମାର ସିଆଇଏସ୍‌ଏଫ୍‌କୁ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ। ସିଏସ୍‌ଓ ରାକେଶ ଚୌଧୁରୀ, ଏଜିଏମ୍ କୋଲା ବାଲାଜୀ, ସିଏମ୍ ଉମାକାନ୍ତ ଦୀକ୍ଷିତ, ସିଏମ୍ ଜାଙ୍ଗ୍ୟାସେନୀ ବରାଳ, ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ପୃଷ୍ଟି, ଉନ୍ସିପେକ୍ଟର ପ୍ରମୋଦ କୁମାର ସାହୁ, ସମ୍‌ଇନିସ୍‌ପେକ୍ଟର ପାର୍ଥ ପାଲ ପ୍ରମୁଖ ଫାଇନାଲ ମ୍ୟାଚ୍ ଅବସରରେ ଉପସ୍ଥିତ ଥିଲେ।

# ବିଶ୍ୱ ଐତିହ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଶ୍ୱ ଐତିହ୍ୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ଐତିହ୍ୟ ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଶି ଆମ ଐତିହ୍ୟର ସୁରକ୍ଷା ପାଇଁ ଏକତ୍ରିତ ହେବା।

# ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ପାଳନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଶ୍ୱବିଖ୍ୟାତ କବି ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ଓ ତତ୍‌ସହ ସଂକୀର୍ତ୍ତନ ଯାତ୍ରା ସୋମବାର ଅକ୍ଷୟ ତୃତୀୟା ଦିନଠାରୁ ପ୍ରତିବର୍ଷ ପରି ପାଳିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ଦଳମାନେ ଜୟନ୍ତୀ ପଟୁଆର ସହ ମଧ୍ୟ ମିଳିତ ହୋଇ ଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ଅକ୍ଷୟ ତୃତୀୟା ତା. ୨୦.୦୪.୨୦୨୬ ତାରିଖ ପୂର୍ବାହ୍ନ ୮ଘଟିକା ସମୟରେ ଭୁବନେଶ୍ୱରସ୍ଥ ଅନନ୍ତ ବାସୁଦେବଙ୍କ ମନ୍ଦିରରୁ ଯାତ୍ରା ଆରମ୍ଭ ହୋଇ ୨୨.୦୪.୨୦୨୬ ଦିନ ଅପରାହ୍ନରେ ପୁରୀରେ ପୂର୍ବବର୍ଷମାନଙ୍କ ଭଳି ପହଞ୍ଚିବ। ପରମ୍ପରା କ୍ରମେ ଯେଉଁସବୁ ସ୍ଥାନ ଦେଇ ସଂକୀର୍ତ୍ତନ ଯାତ୍ରା ଯାଇଥାଏ କେବଳ ସେହି ପଥ ମଧ୍ୟରେ ତାହା ସିମିତ ରହିବ। ପ୍ରତ୍ୟେକ ରହଣି ସ୍ଥାନମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ସମ୍ପୃକ୍ତ ବିଭାଗ ଦ୍ୱାରା ଆୟୋଜନ କରାଯାଇଛି। ଓଡ଼ିଆ ଜାତି ସମ୍ମାନରେ ଏପରି ମହାନ୍ କାର୍ଯ୍ୟରେ ଯୋଗଦେଇ ଯାତ୍ରା ଦଳଙ୍କୁ ଉତ୍ସାହିତ କରିବାକୁ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ସମ୍ପୃକ୍ତ ସରକାରୀ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଭୁବନେଶ୍ୱରସ୍ଥ ଶ୍ରୀ ଜୟଦେବ ଭବନରେ ତା. ୨୦.୦୪.୨୦୨୬ ଦିନ ସନ୍ଧ୍ୟାରେ ମଧ୍ୟ କାର୍ଯ୍ୟକ୍ରମର ଆୟୋଜନ କରାହୋଇଛି।

# ଓଡିଶାରେ ରେଳ ଭବିଷ୍ୟତର ରୂପରେଖା:ଚାରିଟି ପ୍ରମୁଖ ନୂତନ ଲାଇନ ପ୍ରକଳ୍ପ ତ୍ୱରାନ୍ୱିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବତଟ ରେଳପଥ, ଓଡ଼ିଶା ସରକାରଙ୍କ ସହିତ ଘନିଷ୍ଠ ସମନ୍ୱୟରେ, ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ଚାରୋଟି ପ୍ରମୁଖ ନୂତନ ରେଳ ଲାଇନ ପ୍ରକଳ୍ପରେ ତ୍ୱରାନ୍ୱିତ ଅଗ୍ରଗତି କରୁଛି। ମୋଟ ୬,୮୭୯ କୋଟିରୁ ଅଧିକ ଟଙ୍କାର ମିଳିତ ନିବେଶ ଏବଂ ୩୮୨ ରୁଟ୍ କିଲୋମିଟର ଲମ୍ବ ସହିତ, ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଦୁର୍ଗମଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ ପରିଚାଳନା କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପୂର୍ବତଟ ରେଳପଥ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏପ୍ରିଲ ୧୬, ୨୦୨୬ରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣାପତ୍ର ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା, ସମୟସୀମା ମଧ୍ୟରେ ମଞ୍ଜୁରୀ ସୁନିଶ୍ଚିତ କରିବା ଏବଂ ମିଳିତ ତଦାରଖ ମାଧ୍ୟମରେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ କରିବା ପାଇଁ ଏକ ସଂରଚିତ ସମନ୍ୱୟ ବ୍ୟବସ୍ଥା ପ୍ରଦାନ କରେ। ଏହି ରାଜିନାମା ପ୍ରକଳ୍ପ କାର୍ଯ୍ୟକାରିତାରେ ଅଧିକ ଗତି, ଉତ୍ତରଦାୟିତ୍ୱ ଏବଂ ସମନ୍ୱୟ ଆଣିବାରେ ସହାୟକ ହେଉଛି। ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ, ଟେଣ୍ଡରିଂ ଏବଂ ନିର୍ମାଣ କାର୍ଯ୍ୟ ମିଶନ ମୋଡରେ ଅଗ୍ରଗତି କରୁଛି। 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ମାନ୍ୟତା ପ୍ରଦାନ ଏକ ପ୍ରମୁଖ ତ୍ୱରାନ୍ୱିତକାରୀ କାର୍ଯ୍ୟ ହୋଇଛି, ଯାହା ପ୍ରାଥମିକତାପ୍ରାପ୍ତ ପ୍ରଶାସନିକ ସହାୟତା ମାଧ୍ୟମରେ ଭୂମି ଅଧିଗ୍ରହଣ ଏବଂ ବୈଧାନିକ ପ୍ରକ୍ରିୟାଗୁଡ଼ିକୁ ଉଲ୍ଲେଖନୀୟ ଭାବରେ ତ୍ୱରାନ୍ୱିତ କରୁଛି। ରେଳବାଇ ଦ୍ୱାରା ୭୫% ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ୨୫% ପାଣ୍ଠି ସହିତ ୨,୩୪୩.୬୪ କୋଟିରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି, ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ମଧ୍ୟ ଆହ୍ୱାନ ହୋଇସାରିଛି।

ମାଲକାନଗିରିର ଆଦିବାସୀ ଜନସାଧାରଣ ପାଇଁ, ଏହି ରେଳ ଲାଇନ ପରିବର୍ତ୍ତନକାରୀ ହେବ । ଏହା ଦ୍ୱାରା ବଜାର, ଶିକ୍ଷା ଏବଂ ଚିକିତ୍ସା ଭଳି ସେବା ଗୁଡିକ ସହଜରେ ପହଞ୍ଚିବ ଏବଂ ଦୀର୍ଘ ଏବଂ କଷ୍ଟକର ସଡ଼କ ଯାତ୍ରା ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ୭୪୭.୯୧ କୋଟି ମୂଲ୍ୟର ଏହି ପ୍ରକଳ୍ପରେ ଓଡ଼ିଶା ସରକାର ଜମି ଖର୍ଚ୍ଚ ସହିତ ନିର୍ମାଣ ଖର୍ଚ୍ଚର ୫୦% ବହନ କରୁଥିବା ବେଳେ ଅବଶିଷ୍ଟ ୫୦% ଖର୍ଚ୍ଚ ରେଳବାଇ ପକ୍ଷରୁ ଯୋଗାଣ କରାଯାଉଛି ।ପ୍ରମୁଖ ସେତୁ କାର୍ଯ୍ୟ ସମେତ ମୁଖ୍ୟ ଅଂଶ ଗୁଡ଼ିକରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏହା ନବରଙ୍ଗପୁରକୁ ପ୍ରଥମ ଥର ପାଇଁ ରେଳ ସଂଯୋଗ ପ୍ରଦାନ କରିବ, ଯାହା ଆର୍ଥିକ ସୁଯୋଗକୁ ବଢ଼ାଇବ ଏବଂ ଏହାର ଆଦିବାସୀ ବହୁଳ ଜନସଂଖ୍ୟା ପାଇଁ ଯାତାୟାତକୁ ସହଜ କରିବ। ୨,୩୪୩.୬୪ କୋଟି ମୂଲ୍ୟରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପରେ ୭୫% ପାଣ୍ଠି ରେଳବାଇ ଓ ୨୫% ଓଡ଼ିଶା ସରକାର ଯୋଗାଇଛନ୍ତି। ଏହି ପ୍ରକଳ୍ପଟି ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ମଞ୍ଜୁରୀ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିଛି, ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରିତ ହୋଇସାରିଛି। ବରଗଡ଼ ଜିଲ୍ଲାରେ ଘରୋଇ ଜମି ଅଧିଗ୍ରହଣ ପାଇଁ, ସମସ୍ତ ୭୯ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଲାଗି ୨୦ଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପରବର୍ତ୍ତୀ ସମୟରେ, ୨୦ର ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି, ଏବଂ ୬ ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି, ନୂଆପଡା ଜିଲ୍ଲାରେ, ସମସ୍ତ ୬ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ୨୦ଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ମାଇଲଖୁଣ୍ଟଗୁଡ଼ିକ ଜମି ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶନ କରୁଛି,ଯାହା ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଭାବେ ଆଗେଇ ନେବାକୁ ସହାୟକ ହେବ। ସ୍ୱତନ୍ତ୍ର ରେଳ ପ୍ରକଳ୍ପର ମାନ୍ୟତା ଜମି ଅଧିଗ୍ରହଣକୁ ଆହୁରି ତ୍ୱରାନ୍ୱିତ କରୁଛି। ନୂଆପଡାର ଆଦିବାସୀ ସମ୍ପ୍ରଦାୟ ପାଇଁ, ଏହି ଲାଇନ ନିଯୁକ୍ତି, ବଜାର ଏବଂ ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବ, ଯାହା ଓଡ଼ିଶାର ଅନ୍ୟତମ ଅନୁନ୍ନତ ଅଞ୍ଚଳରେ ସମାବେଶୀ ବିକାଶକୁ ପ୍ରୋତ୍ସାହିତ କରିବ। ୧,୧୬୫.୮୯ କୋଟି ଟଙ୍କାର ଅନୁମୋଦିତ ମୂଲ୍ୟ ସହିତ, ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ଏବଂ ଟେଣ୍ଡର ପ୍ରକ୍ରିୟାରେ ଏକକାଳୀନ ପ୍ରଗତି ଦେଖାଯାଉଛି। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୨୦ଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶିତ ହୋଇଛି, ଯାହା ସମସ୍ତ ୫୧ଟି ଗ୍ରାମ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି , ଯାହାଦ୍ୱାରା ନିର୍ମାଣ ପାଇଁ ଜମିର ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇଛି। ଏହି ଲାଇନ ରାୟଗଡା ଜିଲ୍ଲାରେ ସଂଯୋଗୀକରଣକୁ ବୃଦ୍ଧି କରିବ, ଆଦିବାସୀ ସମ୍ପ୍ରଦାୟକୁ ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜୀବିକା ନିର୍ବାହର ସୁଯୋଗ ପାଇବାକୁ ସକ୍ଷମ କରିବ ଏହା ସହିତ ସ୍ଥାନୀୟ ନିଯୁକ୍ତିକୁ ମଧ୍ୟ ସମର୍ଥନ କରିବ। ଏହି ଚାରୋଟି ପ୍ରକଳ୍ପ ମିଳିତ ଭାବେ ପୂର୍ବରୁ ରେଳ ସେବାରୁ ବଞ୍ଚିତ ଜିଲ୍ଲାଗୁଡ଼ିକୁ ସଂଯୋଗ କରିବ, ଯାହା ଦ୍ୱାରା ୩୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ଏବଂ ଅବହେଳିତ ସମ୍ପ୍ରଦାୟର। ଉନ୍ନତ ରେଳ ସଂଯୋଗୀକରଣ ଚାଷୀମାନଙ୍କୁ ବ୍ୟାପକ ବଜାର, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନ ଏବଂ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଯାତ୍ରା କରିବାକୁ ସକ୍ଷମ କରିବ। ଏହାଦ୍ୱାରା ପୁଞ୍ଜି ନିବେଶ ଆକୃଷ୍ଟ ହେବ, ନିଯୁକ୍ତି ସୃଷ୍ଟି କରିବ ଏବଂ ଦୁର୍ଗମ ଅଞ୍ଚଳରେ ପ୍ରଶାସନିକ ପ୍ରସାରକୁ ସୁଦୃଢ଼ କରିବ। ବୁଝାମଣାପତ୍ର ଏବଂ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ବ୍ୟବସ୍ଥାର ସଂଯୋଗ ଏକ ଶକ୍ତିଶାଳୀ କାର୍ଯ୍ୟାନ୍ୱୟନ ମଡେଲ୍ ସୃଷ୍ଟି କରୁଛି ଯାହା ଭିତ୍ତିଭୂମି ଉନ୍ନୟନରେ ଦ୍ରୁତଗତି, ସମନ୍ୱୟ ଓ ଦାୟିତ୍ୱବୋଧକୁ ନିଶ୍ଚିତ କରୁଛି। ଏହି ପଦକ୍ଷେପଗୁଡ଼ିକ ପ୍ରକଳ୍ପ ସମାପ୍ତିକୁ ତ୍ୱରାନ୍ୱିତ କରିବାସହ ଓଡ଼ିଶାର ଆଦିବାସୀ ଅଧୀଷ୍ଠିତ ଅଞ୍ଚଳରେ ଦୀର୍ଘମିଆଦି ସାମାଜିକ ଆର୍ଥିକ ପରିବର୍ତ୍ତନ ପାଇଁ ଭିତ୍ତିଭୂମି ମଧ୍ୟ ସୃଷ୍ଟି କରୁଛି।




# ଲୋକଭବନରେ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ପୋଲିସ କମିଶନରଙ୍କୁ ରିପୋର୍ଟ ତଲବ କଲେ ଡିଜି

କଟକ, ନ୍ୟୁଜ ବ୍ୟୁରୋ

ଲୋକ ସେବା ଭବନରେ ଦୁଇ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାକୁ ଅତି ଗୁରୁତର ଭାବେ ନେଇଛି ଓଡିଶା ପୋଲିସ। ଏହି ଘଟଣାରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ କହିଛନ୍ତି ''ପୋଲିସ ଏହି ଘଟଣାକୁ ଅତି ଗୁରୁତର ସହ ନେଇଛି। ଘଟଣାର ତଦନ୍ତ ପାଇଁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ଜଣା ପଡିବ'' । ଉଭୟ ଆୟକର ଅଧିକାରୀଙ୍କୁ ଲୋକସେବା ଭବନ ଲବିରେ ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଦୁଇ ଅଧିକାରୀ ଆୟକର କମିଶନରଙ୍କ ପ୍ରତ୍ୟକ୍ଷ ମାଗଦର୍ଶନରେ କାର୍ଯ୍ୟ ତୁଲାଉଥିଲା ବେଳେ ଲୋକ ସେବା ଭବନରେ ବେଆଇନ ପ୍ରବେଶକାରୀ ଭାବେ ଚିତ୍ରଣ କରାଯାଇ ରାଜ୍ୟପାଳଙ୍କ ଏଡିସିଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଭ୍ୟାନ୍‌ରେ ବସାଇ କ୍ୟାପିଟାଲ ଥାନାକୁ ନିଆଯାଇଥିଲା। ଏପରିକି ଉଭୟଙ୍କ ବିରୋଧରେ ମଦ୍ୟପାନ ଅଭିଯୋଗ ଅଣାଯାଇଥିଲା, ଯାହା କି ପରବର୍ତ୍ତୀ ସମୟରେ ଥାନାରେ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଥିଲା। ଏହି ଘଟଣାକୁ ନେଇ ମୁଖ୍ୟ ଆୟକର କମିସନର ଡି.ସୁଧାକର ରାଓ ଅସନ୍ତୋଷ ବ୍ୟକ୍ତ କରି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ପ୍ରତି ଏପରି ଆଚରଣ ବିଭାଗୀୟ ମର୍ଯ୍ୟାଦା ପ୍ରତି ଆଞ୍ଚ ଆଣିଛି ବୋଲି ଅଭିଯୋଗ କରି ରାଜ୍ୟପାଳଙ୍କ ସଚିବଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗତ ଗୁରୁବାର ଦିନ ରାଜ୍ୟପାଳଙ୍କ ସହ ଆୟକର ବିଭାଗ ଅଧିକାରୀଙ୍କ ଏକ ପ୍ରତିନିଧି ଦଳର ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଥିଲା। ଏହି ଗସ୍ତ ସମୟରେ ଆୟକର ବିଭାଗର ଦୁଇ ଆଇଆରଏସ୍ ଅଧିକାରୀ ମନିଷ କୁମାର ଓ ସତ୍ୟ ପ୍ରକାଶ ମିଶ୍ରଙ୍କୁ ସମନ୍ୱୟ ରକ୍ଷା ଦାୟିତ୍ୱ ମିଳିଥିଲା ବେଳେ ସୌଜନ୍ୟମୂଳକ ସାକ୍ଷାତ ପାଇଁ ମୋଟ ୫ ଜଣ ଅଧିକାରୀଙ୍କୁ ଅନୁମତି ମିଳିଥିଲା । କିନ୍ତୁ ଏହି ଦୁଇ ଅଧିକାରୀଙ୍କ ପାଇଁ କୌଣସି ଅନୁମତି ନଥିଲା। ଫଳରେ ପ୍ରବେଶ କରିବା ପରେ ସେଠାରେ ଦାୟିତ୍ୱରେ ଥିବା ନାଭାଲ୍ ଅଧିକାରୀ ଦୁଇ ଆଇଆରଏସ ଅଧିକାରୀ ମନିଷ କୁମାର ଓ ସତ୍ୟ ପ୍ରକାଶ ମିଶ୍ରଙ୍କୁ ପ୍ରଶ୍ନ କରିଥିଲେ । ଯାହାକୁ ନେଇ ଦୁଇ ଜଣଙ୍କର ନାଭାଲ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ସ୍ଥିତି ବିଗିଡ଼ିବାରୁ ନାଭାଲ୍ ଅଧିକାରୀ ଜଣଙ୍କ ପିସିଆର୍ ଭ୍ୟାନ୍‌କୁ ଡାକି ଘଟଣା ସମ୍ପର୍କରେ ଜଣାଇବା ପରେ ଉଭୟଙ୍କୁ ଥାନାକୁ ନିଆଯାଇଥିଲା।



ଉତ୍କଳ ଦୀପିକା

ଭୁବନେଶ୍ୱର, ୧୯ ଅପ୍ରେଲ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ସୂର୍ଯ୍ୟମନ୍ଦିର ବୁଲିଲେ ୧୦ ଦେଶର ସୋସିଆଲ ମିଡିଆ ଇନଫ୍ଲୁଏନସର



**କୋଣାର୍କ,୧୮।୪**
**ନ୍ୟୁଜ ବ୍ୟୁରୋ**

୧୦ ଦେଶର ୨୨ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ଶନିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ପ୍ରଥମେ ଏହି ବିଦେଶୀ ଇନଫ୍ଲୁଏନସରମାନେ ବ୍ୟାଖ୍ୟାନ କେନ୍ଦ୍ର ବୁଲିଥିଲେ। ପରେ ମନ୍ଦିର ଦେଖିବା ସହ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱରରୁ ଆସିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ତାଙ୍କୁ ସ୍ୱାଗତ କରିଥିଲେ। ବୈଦେଶିକ ମନ୍ତ୍ରଣାଳୟର ମିଡିଆ ଲିଆସନ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପରିଭ୍ରମଣରେ ସହାୟତା କରିଥିଲେ। ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ଶାଶ୍ୱତିକା ମହାପାତ୍ର, ଏମ ଅଭିଷେକ, ଆଦିତ୍ୟ ନାରାୟଣ ସାମଲ ଓ ଅନିଶା କର ତାଙ୍କୁ ସହଯୋଗ କରିଥିଲେ। ପରେ ଇନଫ୍ଲୁଏନସରମାନେ ଭୁବନେଶ୍ୱର ଫେରି ଯାଇଥିଲେ।

# ପୁରୀ ଚନ୍ଦନ ଯାତ୍ରାରେ ଫୁଟିବନି ବାଣ : ଜଗିବେ ୫ ପ୍ଲାଟୁନ ଫୋର୍ସ

**ପୁରୀ, ୧୮/୦୪ ନ୍ୟୁଜ ବ୍ୟୁରୋ**

ପୁରୀ ଚନ୍ଦନ ଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀରେ ଫୁଟିବନି ବାଣ। ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ବେଳେ ବାଣ ଫୁଟାଯିବନି। ବାଣ ଫୁଟାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ। ସୁରକ୍ଷା ଦୃଷ୍ଟିରୁ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ସିସିଟିଭି ନଜରରେ ସମଗ୍ର ଅଞ୍ଚଳ ରହିବ। ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଆଉ ଦିନକ ପରେ ପବିତ୍ର ଚନ୍ଦନ ଯାତ୍ରା। ଆସନ୍ତା ୨୦ ତାରିଖରେ ଚନ୍ଦନଯାତ୍ରା ଥିବାରୁ ଏହାକୁ ନେଇ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ସୂଚନା ଅନୁଯାୟୀ, ନରେନ୍ଦ୍ର ପୁଷ୍କରିଣୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସମ୍ପୂର୍ଣ୍ଣ ଅଞ୍ଚଳ ସିସିଟିଭି ବଳୟ ମଧ୍ୟରେ ରହିବ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ବିମାନ ବାହାରି ନରେନ୍ଦ୍ର ପୁଷ୍କରିଣୀ ଆସିବା ସମୟରେ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସୁରକ୍ଷା ଦାୟିତ୍ୱରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ସହ ୫ ଡିଏସ୍‌ପି, ୮ ଇନ୍ସପେକ୍ଟର, ୨୦ ଏଏସଆଇ ଏବଂ ଏସଆଇ, ପାଞ୍ଚ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ଆଣ୍ଟି ସବୋଟାଜ୍ ଚେକିଂ ବ୍ୟବସ୍ଥାକୁ ମଧ୍ୟ ଜୋରଦାର କରାଯିବ।

ଗତ ୨୦୨୪ ମସିହାରେ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ର ଭଉଁରୀ ଦିନ ବାଣ ବିସ୍ଫୋରଣ ଘଟି ୧୭ ଜଣଙ୍କ ଜୀବନ ଚାଲି ଯାଇଥିଲା। ତେଣୁ ଚଳିତ ବର୍ଷ ନରେନ୍ଦ୍ର



ପୁଷ୍କରିଣୀରେ ବାଣଫୁଟା ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିଛି। ଯଦି କୌଣସି ଅମାନିଆ ବ୍ୟକ୍ତି ନିୟମ ଉଲ୍ଲଘଂନ କରି ନରେନ୍ଦ୍ର ପୁଷ୍କରିଣୀରେ ବାଣ ଫୁଟାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରମ୍ପରା ମୁତାବକ ଯାହାକିଛି କାର୍ଯ୍ୟ ରହିଛି ତାହା କରାଯିବ ବୋଲି ପୁରୀ ଏସପି କହିଛନ୍ତି। ସେହିପରି ଭିଡ଼ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷାକୁ ପୁଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

# ଯୌତୁକ ଦେବାକୁ କହି ନଦେଇ ପାରିଲେ ପତ୍ନୀଙ୍କ ପରିବାର ବିରୋଧରେ ଦାୟର ହୋଇ ପାରିବନି ମାମଲା

**ନୂଆଦିଲ୍ଲୀ, ୧୮/୦୪**

ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ ଯୌତୁକ ମାମଲା ସମ୍ପର୍କରେ ସ୍ପଷ୍ଟ କରି କହିଛନ୍ତି ଯେ, ଜଣେ ସ୍ତ୍ରୀ ତାଙ୍କ ପରିବାର ଯୌତୁକ ପ୍ରଦାନ କରିବାକୁ କହିଥିବା ସ୍ୱୀକାର କରିବା ଦ୍ୱାରା ତାଙ୍କ ବିରୋଧରେ କିମ୍ବା ତାଙ୍କ ପରିବାର ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ । ଶୀର୍ଷକୋର୍ଟ କହିଛନ୍ତି, ଏପରି ମାମଲାରେ ପୀଡିତ ପକ୍ଷଙ୍କୁ ସୁରକ୍ଷା ଯୋଗାଇବା ଅତ୍ୟନ୍ତ ଜରୁରୀ ଯାହା ଦ୍ୱାରା ସେମାନେ ଭୟଭୀତ ନହୋଇ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ । ପତ୍ନୀ ତାଙ୍କ ଅଭିଯୋଗରେ ଯୌତୁକ ପ୍ରଦାନ ବିଷୟରେ ଉଲ୍ଲେଖ କରିଥିବାରୁ ଯୌତୁକ ଆଇନର ଧାରା ଅନୁଯାୟୀ ତାଙ୍କ ପତ୍ନୀ ଏବଂ ତାଙ୍କ ପରିବାର ବିରୋଧରେ ଏଫ୍‌ଆଇଆର୍ ପଞ୍ଜିକରଣ ପାଇଁ ସ୍ୱାମୀଙ୍କ ଦ୍ୱାରା



ଦାୟର କରାଯାଇଥିବା ଏକ ଆବେଦନକୁ ଖାରଜ କରି ବିଚାରପତି ସଞ୍ଜୟ କୁମାର ଏବଂ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି।

ସୁପ୍ରିମକୋର୍ଟ ସ୍ୱାମୀଙ୍କ ଏହି ଯୁକ୍ତିକୁ ଖାରଜ କରି କହିଛନ୍ତି, ଯୌତୁକ ଆଇନର ଧାରା ୭(୩) ପୀଡିତାଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରେ। ଯଦି ଅଭିଯୋଗ ଯୌତୁକ ସମ୍ପର୍କିତ ଥାଏ ତେବେ ଏହାକୁ ଅଭିଯୋଗ ଦାଖଲ ପାଇଁ ଆଧାର ଭାବରେ ବ୍ୟବହାର କରାଯାଇପାରିବ ନାହିଁ। କୋର୍ଟ ସ୍ପଷ୍ଟ କରିଛନ୍ତି, ଯୌତୁକ ମାମଲାରେ କାର୍ଯ୍ୟାନୁଷ୍ଠାନ କେବଳ ସ୍ୱାଧୀନ ଏବଂ ଠୋସ୍ ପ୍ରମାଣ ଥିଲେ ସମ୍ଭବ ହେବ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଯୌତୁକ ନିରୋଧ ଆଇନର ଉଦ୍ଦେଶ୍ୟ ପୀଡିତଙ୍କୁ ନ୍ୟାୟ ପ୍ରଦାନ କରିବା, ସେମାନଙ୍କୁ ଅପରାଧୀ ଭାବରେ ଫସାଇବା ନୁହେଁ। ୧୯୮୨ ସଂଶୋଧନକୁ ଉଦ୍ଧୃତ କରି କୋର୍ଟ କହିଛନ୍ତି, ଯୌତୁକ ଦେଉଥିବା ଲୋକେ ପ୍ରାୟତଃ ସାମାଜିକ ଚାପରେ ଏପରି କରନ୍ତି ଏବଂ ସେମାନଙ୍କୁ ଅପରାଧୀ ଭାବରେ ବ୍ୟବହାର କରାଯିବା ଉଚିତ୍ ନୁହେଁ। ପ୍ରତିଶ୍ରୁତି ଦେଇ ପୂରଣ ନକରିଥିବା ଯୋଗୁଁ ପତ୍ନୀଙ୍କ ପରିବାର ବିରୋଧରେ ଯୌତୁକ ମାମଲାରେ କୌଣସି ଏଫ୍‌ଆଇଆର୍ ଦାୟର କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।

## ବିରୋଧୀ ଦଳ ମହିଳାମାନଙ୍କୁ ପରାସ୍ତ କରିଛନ୍ତି, ପରିଣାମ ଭୋଗିବାକୁ ପଡିବ

# କ୍ୟାବିନେଟ ବୈଠକରେ ଦଳୀୟ ନେତାଙ୍କୁ ନୂଆ ଦାୟିତ୍ୱ ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୮/୪**

ମହିଳା ସଂରକ୍ଷଣ ବିଲ୍ ଉପରେ ସଂସଦରେ ଚାଲିଥିବା ରାଜନୈତିକ ଲଢ଼େଇ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ ବୈଠକରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ବିଲ୍‌କୁ ସମର୍ଥନ ନକରି ଏକ ବଡ଼ ରାଜନୈତିକ ଭୁଲ୍ କରିଛନ୍ତି । ସେମାନେ ଭବିଷ୍ୟତରେ ଏହାର ପରିଣାମ ଭୋଗିବେ। ସଂସଦ ଭବନରେ ଅନୁଷ୍ଠିତ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଲୋକସଭାରେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ପାସ୍ ନହେବା ନେଇ ନିରାଶା ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ବିରୋଧୀ



ଦଳଗୁଡ଼ିକ ଏହି ନିଷ୍ପତ୍ତି ପାଇଁ ପଶ୍ଚାତାପ କରିବେ ଏବଂ ଭବିଷ୍ୟତରେ ଏଥିପାଇଁ ମୂଲ୍ୟ ଦେବେ। ବୈଠକରେ ପ୍ରଧାନମନ୍ତ୍ରୀ ଏବଂ ଦଳୀୟ ନେତାମାନଙ୍କୁ ଏକ ନୂତନ ରାଜନୈତିକ କାର୍ଯ୍ୟର ଦାୟିତ୍ୱ ମଧ୍ୟ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି, ମହିଳାଙ୍କ ପ୍ରତି ବିରୋଧୀଙ୍କ ମନୋଭାବ ନକାରାତ୍ମକ ବୋଲି ବାର୍ତ୍ତା ଦେଶର ପ୍ରତ୍ୟେକ ଗାଁରେ ପହଞ୍ଚିବା ଉଚିତ। ତାଙ୍କ ମତରେ, ଏହି ପ୍ରସଙ୍ଗ କେବଳ ସଂସଦରେ ସୀମିତ ରହିବା ଉଚିତ ନୁହେଁ, ବରଂ ଏହାକୁ ଏକ ବ୍ୟାପକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି, ବିରୋଧୀ ଦଳ ଏବେ ନିଜର ମତକୁ ଯଥାର୍ଥ କରିବା ପାଇଁ ବିଭିନ୍ନ ଯୁକ୍ତି ପ୍ରଦାନ କରୁଛନ୍ତି, କିନ୍ତୁ ଜନସାଧାରଣ ସବୁକିଛି ବୁଝୁଛନ୍ତି। ସେ ଅଭିଯୋଗ କରିଛନ୍ତି, ମହିଳା ସଶକ୍ତିକରଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀଙ୍କ ମନୋଭାବ ସେମାନଙ୍କର ପ୍ରକୃତ ଚିନ୍ତାଧାରା ପ୍ରକାଶ କରିଛି। ଏହା କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଦେଶର ଅଧା ଜନସଂଖ୍ୟାର ଅଧିକାର ସହିତ ଜଡିତ ଏକ ପ୍ରସଙ୍ଗ ଏବଂ ଏହାକୁ ରାଜନୀତିକରଣ କରିବା ଦୁର୍ଭାଗ୍ୟଜନକ। ଅନ୍ୟପକ୍ଷରେ ବିରୋଧୀ ଦଳ କହିଛନ୍ତି ଯେ ସେମାନେ ମହିଳା ସଂରକ୍ଷଣର ବିରୋଧ କରୁନାହାଁନ୍ତି, କିନ୍ତୁ ସୀମା ନିର୍ଦ୍ଧାରଣ ଏବଂ ଜନଗଣନା ସହିତ ସେମାନଙ୍କୁ ଯୋଡ଼ା ହେବାକୁ ବିରୋଧ କରୁଛନ୍ତି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି, ସରକାର ଏହି ବିଲ୍ ମାଧ୍ୟମରେ ନିର୍ବାଚନୀ ସମୀକରଣକୁ ବଦଳାଇବାକୁ ଚାହୁଁଥିଲେ।

# ୨୩ରେ ୫୫୧ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮/୦୪**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୩ ତାରିଖରେ ହେବ ନିଯୁକ୍ତି ମେଳା । ବିଭିନ୍ନ ବିଭାଗରେ ୫୫୧ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯିବ । ଅପରାହ୍ନରେ ଆୟୋଜିତ ନିଯୁକ୍ତ ମେଳା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନିଯୁକ୍ତି ପତ୍ର ବଣ୍ଟନ କରିବେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ହୋଇଥିବା ଚିଠି ଅନୁଯାୟୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗରେ ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ଦିଆଯିବ । ୧୪ଜଣ ଆସୋସିଏଟ୍ ପ୍ରଫେସର, ୭୦ଜଣ ଡିଏଏସ୍/ଏଡିଏଏସ୍, ୪୫ଜଣ ଏସିଏଫ୍, ୧୩୧ଜଣ ଫରେଷ୍ଟ ରେଞ୍ଜର, ୧୯ଜଣ ଆସିଷ୍ଟାଣ୍ଟ କେମିଷ୍ଟ, ୫୮ଜଣ ଖଣି ଅଧିକାରୀ, ୬୩ଜଣ ଏଇଇ, ୧୫୧ଜଣ ଆସିଷ୍ଟାଣ୍ଟ ଇଣ୍ଡଷ୍ଟ୍ରି ଅଫିସରଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯିବ ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୮/୦୪/୨୦୨୬
୫,୧୯,୦୮୬/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ



କୃଷିକୁ ଚିନ୍ତା ଦୁର୍ବଳ ମୌସୁମୀ, ଯୁଦ୍ଧ

# କିମ୍ସରେ ସୂକ୍ଷ୍ମ ପ୍ରକ୍ରିୟାରେ ଗଣ୍ଠି ପ୍ରତିରୋପଣ ଓ ଶୀଘ୍ର ଆରୋଗ୍ୟ ପାଇଁ ଉନ୍ନତ ସିଓଆର୍‌ଆଇ ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ



**ଭୁବନେଶ୍ୱର, ୧୮/୦୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିମ୍ସ ଭୁବନେଶ୍ୱରରେ ସୂକ୍ଷ୍ମ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ସିଓଆର୍‌ଆଇ ରୋବୋଟିକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହା ଦ୍ୱାରା ରୋଗୀ ଯନ୍ତ୍ରଣା ଶୂନ୍ୟ ସହ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ବିଶେଷ କରି ଗମ୍ଭୀର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏହା ବରଦାନ ପ୍ରମାଣିତ ହୋଇଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ଏହି ସିଓଆର୍‌ଆଇ ରୋବୋଟିକ୍ ବ୍ୟବସ୍ଥାରେ ଅନେକ ପ୍ରକାର ସୁବିଧା ମିଳୁଛି। ଏଥିରେ ପାରମ୍ପରିକ ଗଣ୍ଠି ପ୍ରତିରୋପଣ କ୍ଷେତ୍ରରେ ସାଧାରଣତଃ ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା, ଦୀର୍ଘକାଳୀନ ପୁନର୍ବାସ ଏବଂ ରୋଗୀ ଅସନ୍ତୋଷ ଭଳି ଅନେକ କିଛି ସମସ୍ୟା ବର୍ତ୍ତମାନ ଅଭିଜ୍ଞ ସର୍ଜନଙ୍କ ବିଶେଷଜ୍ଞତା ସହିତ ଉନ୍ନତ ରୋବୋଟିକ୍ ସହାୟତାରେ ସମାଧାନ କରାଯାଇପାରିବ ବୋଲି କିମ୍ସ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡା ଦେବାଶିଷ ମିଶ୍ର କହିଛନ୍ତି। ନୂତନ ଭାବରେ ପ୍ରଚଳିତ ସିଓଆର୍‌ଆଇ ସିଷ୍ଟମ ଅନେକ ଅନନ୍ୟ ସୁବିଧା ପ୍ରଦାନ କରେ। ଏହା ପ୍ରି-ଅପରେଟିଭ୍ ସିଟି ସ୍କାନ୍ ଆବଶ୍ୟକତାକୁ ଦୂର କରି ପ୍ରତିଛବି-ମୁକ୍ତ, ଠିକ ସମୟରେ ଅସ୍ତ୍ରୋପଚାର ଯୋଜନାକୁ ସକ୍ଷମ କରିଥାଏ। ଏହି ବ୍ୟବସ୍ଥା ରୋଗୀଙ୍କ ଶରୀର ଗଠନର ରିଅଲ୍-ଟାଇମ୍ ୩ଡି ମ୍ୟାପିଂ ବ୍ୟବହାର କରି ଡାକ୍ତରଙ୍କୁ ରୋଗୀ ପାଇଁ ବ୍ୟକ୍ତିଗତ ଆଣ୍ଠୁ ପ୍ରତିରୋପଣ କରିବାରେ ସହାୟତା କରିଥାଏ। ଏହି ପ୍ରଯୁକ୍ତିବିଦ୍ୟାରେ ହାପ୍ଟିକ୍ ଫିଡବ୍ୟାକ୍ ସହିତ ଏକ ହ୍ୟାଣ୍ଡହେଲ୍ଡ, ପୋର୍ଟେବଲ୍ ରୋବୋଟିକ୍ ଡିଭାଇସ୍ ରହିଛି, ଯାହା ହାଡ଼ ଏବଂ ଆଖପାଖର ନରମ ଟିସୁ ଯେପରିକି ଲିଗାମେଣ୍ଟ୍ ଏବଂ ରକ୍ତବାହୀ ନଳୀ ମଧ୍ୟରେ ପାର୍ଥକ୍ୟ କରିପାରିବ, ଯାହା ଦ୍ୱାରା ଅସ୍ତ୍ରୋପଚାର ସୁରକ୍ଷା ବୃଦ୍ଧି ପାଇଥାଏ। ନରମ ଟିସୁ ସନ୍ତୁଳନର ପ୍ରକୃତ-ସମୟ ମୂଲ୍ୟାଙ୍କନ ଆଧାରରେ ଡାକ୍ତରଙ୍କୁ ସଫଳ ଅସ୍ତ୍ରୋପଚାର କରିବା ସହଜ ହୋଇଥାଏ। ଆଉ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ବର-ଆଧାରିତ କଟିଂ ସିଷ୍ଟମ ଠିକ ଓ ବାସ୍ତବ-ସମୟ ଟ୍ରାକିଂ ସହିତ ହାଡ଼କୁ ଆକାର ଦେବା ପାଇଁ ଏକ ଉଚ୍ଚ-ଗତି ଘୂର୍ଣ୍ଣନ ଉପକରଣ ବ୍ୟବହାର କରେ। ଏହା ସୁସ୍ଥ ହାଡ଼କୁ ସଂରକ୍ଷଣ କରିବା ସହିତ ସଠିକ୍ ଇମ୍ପ୍ଲାଣ୍ଟ ସ୍ଥିତି ସୁନିଶ୍ଚିତ କରେ। କିମ୍ସରେ ଏଭଳି ଅତ୍ୟାଧୁନିକ ଅସ୍ତ୍ରୋପଚାର ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ଏହା ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ରୋଗୀଙ୍କୁ ତୁରନ୍ତ ଆରୋଗ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ଏଥି ପାଇଁ ଡ. ସାମନ୍ତ କିମ୍ସ ଅସ୍ଥିଶଲ୍ୟ ବିଭାଗର ସମସ୍ତ ବିଶେଷଜ୍ଞ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସ୍କୁଟି ଡ଼ିକି ଭାଙ୍ଗି ଭତ୍ତା ଟଙ୍କା ୪ ଲକ୍ଷ ୭୦ ହଜାର ଲୁଟିନେଲେ ଦୁର୍ବୃତ୍ତ

**ସାଲେପୁର , ୧୮/୦୪ ନ୍ୟୁଜ**

କଟକ ଜିଲ୍ଲା ସାଲେପୁର ଥାନା, ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ ପରିସରରୁ ସରପଞ୍ଚ ଗୋପବନ୍ଧୁ ସେଠୀଙ୍କର ଗାଡି ଡିକି ଭାଙ୍ଗି ୪ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ । ବୃଦ୍ଧବୃଦ୍ଧାଙ୍କର ଭତ୍ତା ଟଙ୍କା ଦେବାପାଇଁ ସରପଞ୍ଚ ବ୍ୟାଙ୍କରୁ ଟଙ୍କା ନେଇ ଆସିଥିଲେ । ତେବେ ଅଫିସ ବାହାରେ ଗାଡି ରଖିଦେଇ ଭିତରକୁ ପାଣି ପିଇବା ପାଇଁ ଯିବା ମଧ୍ୟରେ ହଠାତ ୩ ଜଣ ଦୁର୍ବୃତ୍ତ ମୁହଁରେ ହେଲେମେଣ୍ଟ ଦେଇ ପଲସରରେ ଆସିଥିଲେ । ଦୁଇଜଣ ପଞ୍ଚୟତ କାର୍ଯ୍ୟାଳୟ ବାହାରେ ରହିଥିବା ତାଙ୍କ ସ୍କୁଟି ଡିକିଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିବା ସରପଞ୍ଚ କହିଛନ୍ତି। ଏ ସମସ୍ତ ଚିତ୍ର ସେଠାରେ ଲାଗିଥିବା ସିସି ଟିଭିରେ କଏଦ ହୋଇଛି । ଏନେଇ ସାଲେପୁର ଥାନାରେ ଏତଲା ଦେଇଛନ୍ତି ସରପଞ୍ଚ । ପୋଲିସ ସିସିଟିଭି ଯାଞ୍ଚ ସହ ତଦନ୍ତ ଚଳାଇଛି ।




## ଭରତପୁର ଶ୍ୟାମପୁର ମୌଜାରେ ବିଡିଏର ଜବରଦଖଲ ଉଚ୍ଛେଦ : ମୁକ୍ତ ହେବ ପ୍ରାୟ ୬୮ ଏକର ଜମି

# ସାମପୁରରୁ ହଟିଲା ଜବରଦଖଲ : ଦ୍ୱିତୀୟ ଦିନରେ ଉଚ୍ଛେଦ ଜାରି

**ଭୁବନେଶ୍ୱର, ୧୮/୦୪**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଭରତପୁର ଅଞ୍ଚଳରେ ଜବରଦଖଲ ଉଚ୍ଛେଦର ଶନିବାର ଥିଲା ଦ୍ୱିତୀୟ ଦିନ। ସାମପୁର ମଉଜାରେ ଥିବା ୬୮ ଏକର ଜବରଦଖଲ ଜମିରୁ କରାଯାଉଛି ଉଚ୍ଛେଦ। ସୁରକ୍ଷା ଦୃଷ୍ଟିରୁ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ବିଡିଏ ପକ୍ଷରୁ ସବୁଠାରୁ ବଡ଼ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ପ୍ରଥମ ଦିନରେ ୧୮୭ ଘର ମାଟିରେ ମିଶିଛି। ତୀବ୍ର ଉତ୍ତେଜନା ସତ୍ତ୍ୱେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ସଫଳତାର ସହ ଏହି ଉଚ୍ଛେଦ କରିଛି। ଭରତପୁର ଶ୍ୟାମପୁର ମୌଜାରେ ବିଡିଏର ବଡ଼ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ପ୍ରାୟ ୬୮ ଏକର ଜମିରୁ ଜବରଦଖଲ ଉଚ୍ଛେଦ କରୁଛି ବିଡିଏ। ୩ ଦିନ ଧରି ଚାଲିବ ଏହି ଉଚ୍ଛେଦ ପ୍ରକ୍ରିୟା । ଏହି ଉଚ୍ଛେଦ ପ୍ରକ୍ରିୟାରେ ୧୦ରୁ ଅଧିକ ଜେସିବି ନିୟୋଜିତ ହୋଇଥିବା ବେଳେ ବିଡିଏର ୧୫୦ ଜଣିଆ ଉଚ୍ଛେଦକାରୀ ଦଳ ମଧ୍ୟ ସାମିଲ ହୋଇଛନ୍ତି । ବିଡିଏ ପକ୍ଷରୁ ଏହା ସବୁଠାରୁ ବଡ଼ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ହୋଇଥିବା ବେଳେ ଏହି ଉଚ୍ଛେଦ କାମ ପାଇଁ କମିଶନରେଟ ପୋଲିସ ପକ୍ଷରୁ ୭ ପ୍ଲାଟୁନ ପୋଲିସ



ଫୋର୍ସ ମୁତୟନ ହୋଇଛନ୍ତି । ଯେଉଁଥିରେ ୨୦ରୁ ଅଧିକ ପୋଲିସ ଅଧିକାରୀ ମଧ୍ୟ ସାମିଲ ହୋଇଛନ୍ତି । ଉଚ୍ଛେଦକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି ।

ଗତ ବର୍ଷ ନଭେମ୍ବର ୧୮ ତାରିଖରେ ଭୁବନେଶ୍ୱର ସାଲିଆ ସାହିରେ ବୁଲିଥିଲା ବୁଲଡୋଜର । ବିଏମସି ଓ ବିଡିଏ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ଉଚ୍ଛେଦ କାର୍ଯ୍ୟରେ ସାଲିଆ ସାହିର କିଛି ଅଞ୍ଚଳ ଖାଲି କରିବାରେ ପ୍ରଶାସନକୁ ସଫଳତା ମିଳିଥିଲା। ଏକାମ୍ର କାନନରୁ ଅନ୍ଧାରୁଆ, ପାଖାପାଖି ୧୩ କିଲୋମିଟର ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ ରାସ୍ତା ପାଇଁ ଏହି ଉଚ୍ଛେଦ କରିଥିଲା ବିଏମସି ଓ ବିଡିଏ । ସେହି ଉଚ୍ଛେଦ ସମୟରେ ବିଏମସି, ବିଡିଏ, ୱାଟକୋ, ବିଦ୍ୟୁତ ବିଭାଗ ସହ ୫ ପ୍ଲାଟୁନ ପୋଲିସ ଫୋର୍ସ ଘଟଣା ସ୍ଥଳରେ ମୁତୟନ ରହିଥିଲେ । ଉଚ୍ଛେଦକୁ ସ୍ଥାନୀୟ ବାସିନ୍ଦାଙ୍କ ପ୍ରବଳ ବିରୋଧ ହୋଇଥିଲେ ବି ଜେସିବି ଚାଲିଥିଲା ।

ତେବେ ଯେଉଁମାନେ ସରକାରୀ ଜମିକୁ ଜବରଦଖଲ କରି ଘର କରିଛନ୍ତି, ହାଇକୋର୍ଟଙ୍କ ରହିତାଦେଶ ଉଠିବା ପରେ ସେଥିରେ ବୁଲଡୋଜର ଚଢ଼ିବ ବୋଲି ବାରମ୍ବାର ରାଜ୍ୟ ସରକାର କହିଆସୁଛନ୍ତି । ମାତ୍ର ଗରିବ ଲୋକଙ୍କୁ ପଟ୍ଟା ସହିତ ପକ୍କା ଘର ଦିଆଯିବ। ପ୍ରତି ଶନିବାର ଭୂମିହୀନଙ୍କୁ ଜମି ଦେବାପାଇଁ ତହସିଲଦାର ଏବଂ ବିଡିଓଙ୍କ ବୈଠକ ବସିବ । ହିତାଧିକାରୀଙ୍କୁ ପଟ୍ଟା ଏବଂ ଜମି ସହିତ ପକ୍କାଘର ଯୋଗାଇବେ ବିଡିଓ। ବର୍ତ୍ତମାନର ବିଜେପି ସରକାରରେ ଜଣେ ହେଲେ ମଧ୍ୟ ଭୂମିହୀନ ରହିବେ ନାହିଁ ବୋଲି ବାରମ୍ବାର କହି ଆସୁଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com